## ଜଳିଗଲା ୨ ବଖରା

କୁଳିଅଣା, (ସ୍ୱ.ପ୍ର): ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ରଙ୍ଗିବେଡ଼ା ଗ୍ରାମର ରଇ ଭକ୍ତାଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିରେ ତାଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ସ୍ଥାନୀୟ ସାମାଜିକ କର୍ମୀ ତଥା ବିଶ୍ୱ ମାନବ ସେବା ସଙ୍ଗଠନର ପ୍ରତିଷ୍ଠାତା ରବୀନ ଦଣ୍ଡପାଟ ପହଞ୍ଚି ଅଗ୍ନିବିପନ୍ନଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ସିମୁଳିଆ ସ୍ଥିତ ଉପେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ। ସ୍ଥାନ- କ୍ଷୀରକୋଣା, ସମୟ- ପୂର୍ବାହ୍ନ ୧୦ଟା ୩୦ରୁ (ତିନିଦିନ ବ୍ୟାପୀ)।

## ବିଜୁ ତିରୋଧାନ ଦିବସ

ବାଙ୍ଗିରିପୋଷି,୧୭।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ବିଜେଡି ତରଫରୁ ଓଡିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବାଙ୍ଗିରିପୋଷି ବ୍ଲକ ବିଜେଡି ସଭାପତି ବିରକିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଜୁ ବାବୁଙ୍କୁ ମନେ ପକାଇବା ସହ ପ୍ରତିଛବି ଉପରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ୨୮ ନଂ ଜୋନ ଜିଲା ପରିଷଦ ରାମଚନ୍ଦ୍ର ମୁର୍ମୁ, ବ୍ଲକ ଉପାଧକ୍ଷ ରତିକାନ୍ତ ସିଂ, ସାନ୍ତନୁ ଦାଶ, ମୋତିଲାଲ ଦାସ, ପବିତ୍ର ମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀରେ ଭାଙ୍ଗିଲା ଘର

ମୋରଡ଼ା, ୧୭।୪(ଡି.ଏନ.ଏ )- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ବ୍ଲକର ଦାନ୍ତିଆମୁହାଁ, ଦୁର୍ଗାପୁର ଅଞ୍ଚଳରେ ବର୍ଷା ପବନରେ ଗଛ, ବିଜୁଳି ଖୁଣ୍ଟ ଉପୁଡ଼ି ପଡ଼ିବା ସହ କେତେକ ଲୋକଙ୍କ ଘର ଭାଙ୍ଗିଯାଇଛି। ଦୁର୍ଗାପୁର ପଞ୍ଚାୟତ ଅସନବଣି ଗ୍ରାମର ବିଜୁ ସିଂ, ତ୍ରିଭୁବନ, ଚୁନୁରାମ ସିଂ ଓ ବିଳାସିନୀ ସିଂଙ୍କ ଘର ଛପର ପବନରେ ଉଡ଼ିଯାଇଛି। ସେହିପରି ଦାନ୍ତିଆମୁହାଁ ପଞ୍ଚାୟତରେ ହୋଇଥିବା ତରଭୁଜ, କାକୁଡ଼ି ଚାଷ କୁଆପଥର ମାଡ଼ରେ ନଷ୍ଟ ହୋଇଛି। ଏନେଇ ଦାନ୍ତିଆମୁହାଁ ଆର୍‌ଆଇଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରିବେ ଏବଂ ଯଥାଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ଚିତ୍ରଡ଼ା ଗ୍ରାମର କଳାନୀଛକ ପାଖରେ ଏକ ଗଛ ଭାଙ୍ଗି ପଡ଼ିବାରୁ ଏକ ଚାରିଚକିଆ ଗାଡ଼ିର କାଚ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

## ଚଳଚ୍ଚିତ୍ର ପ୍ରଯୋଜକ ବିଜୟ ପଟ୍ଟନାୟକଙ୍କ ପରଲୋକ

ବାରିପଦା ଅଫିସ,୧୭।୪-ମୟୂରଭଞ୍ଜ ଜିଲା ବାରିପଦାର ବିଶିଷ୍ଟ ଉଦ୍ୟୋଗପତି ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ବିଜୟ ପଟ୍ଟନାୟକ(୬୫)ଙ୍କ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସଙ୍ଗୀତା, ଝିଅ ସ୍ମିତା, ଶ୍ୱେତା, ଜ୍ୱାଇଁ ଅରିନ୍ଦମ ଓ ଦୀପକଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ପଟ୍ଟନାୟକ ବାରିପଦାରେ କ୍ୟାରିୟର ଆରମ୍ଭ କରିଥିଲେ। ନିଜ ଉଦ୍ୟମରେ ଚାରି ଦଶନ୍ଧି ତଳେ ସେ ବାରିପଦାରେ ଏକ କ୍ଷୁଦ୍ର ଶିଳ୍ପସଂସ୍ଥା ପ୍ରତିଷ୍ଠା କରିଥିଲେ। ନାଟକ ଏବଂ ଚଳଚ୍ଚିତ୍ର ପ୍ରତି ତାଙ୍କର ରୁଚି ଥିଲା। ନିଜ ଉଦ୍ୟମରେ ଏକ ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ମୋତେ ତ ଲଭ୍ ହେଲାରେ' ନିର୍ମାଣ କରିଥିଲେ। ଅନେକ ଚଳଚ୍ଚିତ୍ର ନିର୍ମାଣରେ ସେ ପ୍ରଯୋଜକ ଥିଲେ। ତାଙ୍କ ବିୟୋଗରେ ବାରିପଦାରେ ଶୋକର ଛାୟା ଖେଳିଯାଇଛି।

# ବଢୁଛି ନିଶା କାରବାର

ଖଇରା,୧୭।୪(ଡି.ଏନ.ଏ.)

- ଭଡ଼ାଘରେ ଚାଲିଛି ଅବକାରୀ ଥାନା
- କର୍ମଚାରୀ ଅଭାବରୁ ନିୟମିତ ଖୋଲୁନି

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବହୁ ଦାବି ପରେ ଏକ ଅବକାରୀ ଥାନା କାର୍ଯ୍ୟାଳୟ ୪ମାସ ଧରି ଭଡ଼ା ଘରେ ଆରମ୍ଭ ହୋଇଛି। ହେଲେ ଖୋଲିବା ଦିନଠାରୁ ୨/୪ଦିନ ଛାଡ଼ି ଦେଲେ ଅଧିକାଂଶ ଦିନ ବନ୍ଦ ହୋଇ ରହୁଛି। ୩୭ ପଞ୍ଚାୟତରୁ ଲୋକେ କୌଣସି କାର୍ଯ୍ୟ ପାଇଁ ଆସୁଥିଲେ ହେଁ ତାଲା ପଡ଼ିବା ଦେଖି ନିରାଶ ହୋଇ ଫେରୁଛନ୍ତି । ଆଖିଦୃଶିଆ ଚଢ଼ାଉ କରାଯାଉ ନ ଥିବାରୁ ଗାଁରେ ଚୋରା ମଦ କାରବାର ବଢ଼ିବଢ଼ି ଚାଲିଛି । ଖଇରାରେ ଗୋଟିଏ ମାତ୍ର ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିବା ବେଳେ ଏବେ ୬ରୁ ଅଧିକ ବିକ୍ରେତା ଖଇରା, ଔପଦା ଏବଂ ସିମୁଳିଆ ଅଞ୍ଚଳର ପ୍ରତ୍ୟେକ ସାହି ବସ୍ତିକୁ କାୟା ବିସ୍ତାର କରି ଚାଲିଛନ୍ତି। କାର୍ଯ୍ୟାଳୟ ସ୍ଥାପନା ପରେ ଖଇରା ବଜାରଠାରୁ ୫ଶହ ମିଟର ଦୁର ସୋର-କୁପାରୀ ରାସ୍ତା କଡ଼ରେ ମଦ ପ୍ରସ୍ତୁତି ଚାଲିଥିଲେ ହେଁ ଅବକାରୀ ବିଭାଗର ନଜରକୁ ନ ଆସିବା ଏହି ବିଭାଗର ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ କାର୍ଯ୍ୟାଳୟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରା ନ ଗଲେ ନିଶା ଖଇରା ବ୍ଲକକୁ ଗ୍ରାସ କରିବ ଏଥିରେ ସନ୍ଦେହ ନାହିଁ।

ବିଭିନ୍ନ ସଂଗଠନ ପକ୍ଷରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବହୁ ଦାବି ପରେ୨୦୨୦ ମାର୍ଚ୍ଚ ମାସରେ ଖଇରାଠାରେ ଅବକାରୀ ଥାନା ଖୋଲା ଯିବାକୁ ସରକାରୀସ୍ତରରେ ଘୋଷଣା କରାଯାଇଥିଲା। ବେଆଇନ ମଦ କାରବାର ଉପରେ ନିଶ୍ଚୟ ଅଙ୍କୁଶ ଲାଗିବ ବୋଲି ଖଇରାବାସୀ ମନରେ ଅନେକ ଆଶା ବାନ୍ଧିଥିଲେ। ହେଲେ କାର୍ଯ୍ୟାଳୟ ଚାଲିଲା ସତ ହେଲେ ଖଇରାରେ ଚାଲିବା ବଦଳରେ ସୋରରେ ଚାଲିଲା । ଖଇରା କାର୍ଯ୍ୟାଳୟ ନାମରେ ୧ବର୍ଷ ଧରି ଭଡ଼ା ମଧ୍ୟ ପ୍ରଦାନ କରାଗଲା। ଏକଥା ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଖଇରାରେ କାର୍ଯ୍ୟାଳୟ ଖୋଲିବାକୁ ଯୁଦ୍ଧକାଳିନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶେଷରେ ସୋର-କୁପାରୀ ରାସ୍ତାର ଅର୍ଜୁନପୁର ଛକ ନିକଟରେ ଗତ ନଭେମ୍ବର ୨ରେ ଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟ ଖୋଲିଲା। ହେଲେ ଖୋଲିବାର କିଛି ଦିନ ଠିକଠାକ ଚାଲିବା ପରେ ପୁଣି ଷ୍ଟାଫ ନ ଥିବା ଆଳରେ କାର୍ଯ୍ୟାଳୟରେ ତାଲା ପଡ଼ି ଯାଇଥିଲା। ପୁନଶ୍ଚ ସୋରରୁ ରହି ଖଇରାରେ ବେଆଇନ ମଦ କାରବାର ଉପରେ ଚଢ଼ାଉ କାର୍ଯ୍ୟ କରାଯାଉଥିବା ବେଳେ ପ୍ରତ୍ୟେକ ମାସ ରାଜକୋଷରୁ ଭଡା ବାବଦକୁ ଅର୍ଥ ବରବାଦ୍ ହେଉଛି। କାର୍ଯ୍ୟାଳୟ ଖୋଲିବା ଦିନଠାରୁ ଅବକାରୀ ବିଭାଗ ପକ୍ଷରୁ କାଁଭାଁ ଚଢ଼ାଉ କରାଯାଇଥିବା ବେଳେ ଖଇରା ପୋଲିସ ୫ ମାସରେ ୫୦ମାମଲା ରୁଜୁ କରିଛି। ଅବକାରୀ ବିଭାଗର ସ୍ଥାଣୁତା ପାଇଁ ଏବେ ଚୋରା ମଦମହୁଲି ବିକ୍ରି ଉଦ୍‌ବେଗ ଜନକ ସ୍ଥିତିରେ ପହଞ୍ଚିଛି। ଖଇରା ଥାନା ଅଧୀନ ଗଡପୋଖରୀ ବଜାରରେ ଏବେ ପାନ ତେଜରାତି ଦୋକାନରେ ମଦବିକ୍ରି ଚାଲିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୫ଟା ପରେ ସାଧାରଣ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଉଭୟ ଅବକାରୀ ବିଭାଗ କାର୍ଯ୍ୟାଳୟ ଓ ଥାନା ସମ୍ମୁଖ ଦେଇ ୬ ଚୋରା ବ୍ୟବସାୟୀ ବାଇକ୍ ଓ ବୋଲେରୋରେ ମଦ ଭର୍ତ୍ତି କରି ବିଭିନ୍ନ ଅଞ୍ଚଳକୁ ଯୋଗାଣ କରି ଦିନକୁ ଦିନ ନେଟୱାର୍କ ବଢ଼ାଇ ଚାଲିଥିବା ବେଳେ ପ୍ରଶାସନର ନଜର ନ ପଡିବା ଚିନ୍ତାର ବିଷୟ ପାଲଟିଛି। ନକଲି ବିଷାକ୍ତ ମଦ ପିଇ ୧ବର୍ଷ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିଥିବା ବେଳେ ରାସ୍ତା ଦୁର୍ଘଟଣା ମଧ୍ୟ ଆଶାନୁରୂପେ ବୃଦ୍ଧି ପାଇଛି। ଯେଉଁ ଲକ୍ଷ୍ୟ ନେଇ କାର୍ଯ୍ୟାଳୟ ସ୍ଥାପନା ହୋଇଥିଲା ଏହା ସାଧାରଣ ଲୋକଙ୍କ କାମରେ ନ ଆସିବା ଦୁଃଖର ବିଷୟ ବୋଲି ବର୍ତ୍ତନା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରଘୁନାଥ ପଣ୍ଡା କହିଛନ୍ତି। ଚୋରା ମଦ କାରବାର ବୃଦ୍ଧି ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ବହୁଳ ମାତ୍ରରେ ପ୍ରଭାବିତ କରୁଥିବାରୁ ସରକାର ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଗଡ଼ପୋଖରୀ ଗ୍ରାମର ଏସ ଦଳେଇ କହିଛନ୍ତି। କାର୍ଯ୍ୟାଳୟର ଅଚଳାବସ୍ଥା ସମ୍ପର୍କରେ ଜିଲା ଅବକାରୀ ଅଧିକ୍ଷକ ଅଶୋକ ଶତପଥୀଙ୍କୁ ପଚାରିବାରେ ଷ୍ଟାଫ ସମସ୍ୟା ଯୋଗୁ କାର୍ଯ୍ୟାଳୟ ନିୟମିତ ଖୋଲିବାରେ ଟିକେ ଅସୁବିଧା ରହୁଛି ବୋଲି କହିଛନ୍ତି ।

## ଶ୍ରୀରାମ ଜୁଏଲର୍ସର ଆକର୍ଷଣୀୟ ଉପହାର


ଆକର୍ଷଣୀୟ ଉପହାରକୁ ଅଭିନେତ୍ରୀ ଏଲିନା ସାମନ୍ତରାୟ ଶୁଭାରମ୍ଭ କରୁଛନ୍ତି।

ବାରିପଦା ଅଫିସ,୧୭।୪

ବାରିପଦା ଲାଲବଜାର ସ୍ଥିତ ଶ୍ରୀରାମ ଜୁଏଲାର୍ସର ୧୬ତମ ପ୍ରତିଷ୍ଠା ଉତ୍ସବରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଛି। ସୁନା ଓ ରୂପା ଅଳଙ୍କାର ଗଢା ମୂଲ୍ୟ ଉପରେ ୫୦ପ୍ରତିଶତ ରିହାତି କରିଥିବା ବେଳେ ହୀରା ଅଳଙ୍କାର ଗଢା ମୂଲ୍ୟ ଉପରେ ଶତପ୍ରତିଶତ ରିହାତି ଦିଆଯାଉଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ସୁନା, ରୂପା ଓ ହୀରା ଅଳଙ୍କାରରେ ବ୍ୟାପକ ସମ୍ଭାର ଯୋଜନାରେ ରହିଛି। ଗ୍ରାହକମାନଙ୍କୁ ଆକର୍ଷଣୀୟ ଉପହାର ଦେବା ପାଇଁ ଶୋ'ରୁମରେ ସିନେ ତାରକା ଏଲିନା ସାମନ୍ତରାୟ, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଇନଜୀବୀ ସତ୍ୟସ୍ୱରୂପ ଦାସ ପ୍ରମୁଖ ଅତିଥି ମାନେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ରିହାତି ଆଗାମୀ ୧୬ତାରିଖ ଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ସୀମିତ ରହିଛି ବୋଲି ଶୋ' ରୁମର ସତ୍ତ୍ୱାଧିକାରୀ ଅମ୍ବିକା ପ୍ରସାଦ ଦତ୍ତ ପ୍ରକାଶ କରିଛନ୍ତି। ବିବାହ ଋତୁରେ ଜୁଏଲାରୀ ଡିଜାଇନର ମନପସନ୍ଦର କଳାକୃତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗ୍ରାହକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିପାରିଛୁ। ସେହିପରି ଅନେକ ଆକର୍ଷଣୀୟ କାରୁକାର୍ଯ୍ୟ ଉପରେ ଚୁଡି, କାନଫୁଲ, ହାର ଓ ମୁଦିର ଲାଟେଷ୍ଟ କଲେକ୍ସନ ଡିଜାଇନ ଉପଲବ୍ଧ ରହିଛି ବୋଲି ମାର୍କେଟିଂ ପାର୍ଟନର କଲ୍ୟାଣ ଦତ୍ତ ଓ ମ୍ୟାନେଜିଂ ପାର୍ଟନର ସୌମ୍ୟ ଦତ୍ତ ପ୍ରକାଶ କରିଛନ୍ତି ।

## ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ


ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଅଫିସ/ ରୂପ୍‌ସା,୧୭।୪(ଡି.ଏନ.ଏ.)

**ସରିଲା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା**

ବାଲେଶ୍ୱର ଜିଲା ସଦର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା-୨୦୨୨ ପରିଖି ରିଜିଓନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳରେ ଘରେ ଘରେ ମାଗଣା ସ୍ୱାସ୍ଥ୍ୟସେବା ପହଞ୍ଚିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ମେଡିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର ପୌରାହିତ୍ୟ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରର ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ମାନସିକ, ଚର୍ମ, ଦନ୍ତ, ଯୌନ, କୁଷ୍ଠ, ଏଚ୍‌ଆଇଭି, ଡାଇବେଟିସ ପ୍ରଭୃତି ୧୪ଟି ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଆଖପାଖ ଅଞ୍ଚଳର ୧୫ ଶହ ରୋଗୀଙ୍କୁ ମାଗଣା ଚିକିତ୍ସା ପୂର୍ବକ ଔଷଧ ପ୍ରଦାନ କରାଯାଇଥିଲା। ଆୟୁଷ ମେଡିକାଲ ଅଫିସର ଡା. ଅସୀତ କୁମାର ପ୍ରଧାନ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିପିଏମ୍ ସତ୍ୟସୁନ୍ଦର ଗୋସ୍ୱାମୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଫାର୍ମାସିଷ୍ଟ, ଷ୍ଟାଫନର୍ସ, ଟେକନିସିଆନଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମା' ଭଗବତୀଙ୍କ ସନ୍ଧି ପୂଜା

ବାଲିଆପାଳ,୧୭।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଚରବସ୍ତ କାଳରୁଇ ଗ୍ରାମରେ ମା' ଭଗବତୀଙ୍କ ସନ୍ଧି ପୂଜା ସମାପନ ହୋଇଯାଇଛି। ବ୍ରହ୍ମମୁହୂର୍ତ୍ତଠାରୁ ମା'ଙ୍କର ବିଭିନ୍ନ ରୀତି ନୀତିରେ ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନରେ ସନ୍ଧି ପୂଜା ହୋଇଥିଲା। ପରେ ମା'ଙ୍କଠାରେ ଭାକୁର ମାଛ ଭୋଗ ଲାଗିଥିଲା। ଗ୍ରାମବାସୀଙ୍କ ସହିତ ଆଖପାଖ ଗାଁ ସହିତ ଦୂର ଦୁରାନ୍ତ ଗ୍ରାମର ଲୋକେ ମା'ଙ୍କଠାରେ କ୍ଷୀରି ଭୋଗ ଲଗାଇଥିଲେ। ସନ୍ଧ୍ୟା ଆରତୀ ପରେ ପୂଜାର୍ଚ୍ଚନା ସମପାନ ହୋଇଥିଲା। ପଞ୍ଚନ ସାହୁ, ବିନୋଦ ପରିଡ଼ା, ନିମାଇଁ ସାହୁ, ସୁଶାନ୍ତ ସାହୁ, ସୁଧାଂଶୁ ସାହୁ, କାମଳ ଲୋଚନ ସାହୁ, ସୁଧାଂଶୁ ସାହୁ, ନାରାୟଣ ସାହୁ, ପ୍ରଦୀପ ସାହୁ, ପ୍ରଶାନ୍ତ ସାହୁ, ସନ୍ନ୍ୟାସୀ ବେହେରା, ତପୁ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## 'ବିଷୁବ ପର୍ବ ଭାରତୀୟ ସଂସ୍କୃତିର ପରିଚୟ'

ବାସୁଦେବପୁର, ୧୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସର ପତ୍ରିକା ଉନ୍ମୋଚନ, ୧୭ତମ ବିଷୁବ ମିଳନ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ଇଂ. ଅଭୟ ସୂତାର ଯୋଗଦେଇ ବିଷୁବ ମିଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଷୁବ ପର୍ବ ଭାରତୀୟ ସଂସ୍କୃତିର ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଅଧ୍ୟାପକ ନିହାର ରଞ୍ଜନ କର, ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଗୀତିକାର ପୀତାମ୍ବର ମିଶ୍ର, ଏବି ହାଇସ୍କୁଲ ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢ଼ୀ, ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁବାଦକ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ରତ୍ନାକର ବାରିକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ବନମାଳି ବାରିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିଶୁ ପ୍ରତିଭା ଶ୍ରେୟାଂଶୁ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଅପରାହ୍ନରେ କବି ରତ୍ନାକର ପଣ୍ଡା, ହୃଷିକେଶ ବାରିକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କବି ରତ୍ନାକର ବାରିକ ଯୋଗ ଦେଇଥିଲେ। ଗାଳ୍ପିକ ସୁଦର୍ଶନ ଅଗସ୍ତି, କବି ପ୍ରହ୍ଲାଦ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ଡ. ବସନ୍ତ ଦାସ, ଡ. ପ୍ରତାପ ଚନ୍ଦ୍ର ନାୟକ, କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ।



ଅବସର ପତ୍ରିକା ଉନ୍ମୋଚନ କରାଯାଉଛି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ପାଇଁ ସ୍ଥାନ, ଦିନ ଧାର୍ଯ୍ୟ

ବାଲେଶ୍ୱର ଅଫିସ, ୧୭।୪

ବାଲେଶ୍ୱର ଜିଲାର ପ୍ରତି ବ୍ଲକରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ପାଇଁ ସ୍ଥାନ ଓ ଦିନ ଧାର୍ଯ୍ୟ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ରବିବାର ବାଲେଶ୍ୱର ସଦର ବ୍ଲକ ପରିଖି ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ସୋମବାର ଭୋଗରାଇ ବ୍ଲକର ଜଳେଶ୍ୱରପୁର ହାଇସ୍କୁଲରେ ଏହା ଆୟୋଜିତ ହେବ। ଅନୁରୂପ ଭାବେ ଏପ୍ରିଲ ୧୯ରେ ବାଲିଆପାଳର କରଞ୍ଜିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୫ରେ ବାହାନଗା ବ୍ଲକ ମଣିଭଦ୍ର ଉଚ୍ଚ ବିଦ୍ୟାଳୟ, ୨୬ରେ ସିମୁଳିଆ ମଇତାପୁର ସ୍ଥିତ ବି.ଏସ୍.ନୋଡ଼ାଲ ହାଇସ୍କୁଲ, ୨୭ରେ ଖଇରା ସ୍ଥିତ ଖଇରା ଉଚ୍ଚ ବିଦ୍ୟାଳୟ, ୨୯ରେ ବସ୍ତା ବ୍ଲକର ବାଲିଆପଟି ୟୁ.ଜି.ଏମ୍.ଇ.ସ୍କୁଲ ଏବଂ ଜଳେଶ୍ୱର ବ୍ଲକର ଡି.ପି.ପୁର ଗୁଆଗଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀ, ୩୦ରେ ନୀଳଗିରି ବ୍ଲକ ଛତ୍ରପୁର ସ୍ଥିତ ସରକାରୀ ୟୁପି ସ୍କୁଲ ଏବଂ ଔପଦା ବ୍ଲକର ପ୍ରତାପପୁର ନୋଡ଼ାଲ ୟୁ.ପି.ସ୍କୁଲରେ ଏହା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ମେ' ୧ତାରିଖରେ ରେମୁଣା ବ୍ଲକ ବରୁଣସିଂହ ୟୁଜିଏମ୍‌ଇ ସ୍କୁଲ ଏବଂ ୩ରେ ସୋର ବ୍ଲକ ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ହେବ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ଷ୍ଟଲ୍ ସ୍ଥାପନ ସହ ରୋଗୀଙ୍କର ପଞ୍ଜୀକରଣ ଓ ସେମାନଙ୍କ ଡିଜିଟାଲ୍ ହେଲଥ୍ ଆଇଡ଼ି ପ୍ରସ୍ତୁତ କରାଯିବ। ବିଭିନ୍ନ ପରୀକ୍ଷାନିରୀକ୍ଷା ଓ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ସହ ଔଷଧ ବଣ୍ଟନ, ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ସମ୍ପର୍କିତ ପରାମର୍ଶ ପ୍ରଦାନ କରାଯିବ। ବ୍ଲକସ୍ତରରେ ଆୟୋଜିତ ହେଉଥିବା ଏଭଳି ଉନ୍ନତମାନର ସ୍ୱାସ୍ଥ୍ୟମେଳାର ସୁଯୋଗ ନେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଗୋଷ୍ଠୀ ସଂଘର୍ଷ ଅଞ୍ଚଳ ପରିଦର୍ଶନ କଲା ଭାଜପା

ଯୋଡ଼ା,୧୭।୪ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଗତ ୧୨ ତାରିଖରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟିବା ପରେ ସମ୍ପୃକ୍ତ ଅଞ୍ଚଳକୁ ରବିବାର ଭାଜପାର ରାଜ୍ୟସ୍ତରୀୟ ନେତୃତ୍ୱ ପରିଦର୍ଶନ କରିଛନ୍ତି। ରାଜ୍ୟସ୍ତରୀୟ ନେତୃବର୍ଗଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ସାରସକଣା ବିଧାୟକ ଡ଼ ବୁଢାନ ମୁର୍ମୁ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ଭାଜପା ପ୍ରବକ୍ତା ସୋନାଲି ସାହୁ ଓ ବରିଷ୍ଠ ଭାଜପା ନେତା ଡ ମୁରଲୀ ଶର୍ମା, ଯୋଡ଼ା ନଗର ସଭାପତି ସୁଶାନ୍ତ କୁମାର ବେବର୍ତ୍ତା, ଚର୍ଚ୍ଚିଲ ମହାକୁଡ଼ ପ୍ରମୁଖ ଏହି ଘଟଣା ଘଟିଥିବା ହିଂସା କାଣ୍ଡ ସ୍ଥାନକୁ ଗସ୍ତ କରିଥିଲେ। ପ୍ରଥମେ ଯୋଡ଼ାର ହନୁମାନ ହଟିଂ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ। ସେଠାରୁ ଯୋଡ଼ା ଏସବିଆଇ ଛକରେ ଥିବା ହନୁମାନ ମନ୍ଦିରକୁ ଯାଇଥିଲେ। ପରେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଥିବା ୪ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ଭାଜପା ବରିଷ୍ଠ ନେତା ମୁରଲୀ ଶର୍ମା କହିଥିଲେ ଯେ, ୭୦ ବର୍ଷ ଧରି ଯୋଡ଼ା ଅଞ୍ଚଳରେ ହିନ୍ଦୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇଚାରା ରହିଛି। ନିଜ ନିଜ ଧର୍ମର ପରମ୍ପରାକୁ ସମସ୍ତଙ୍କର ପାଳନ କରିବାର ଅଧିକାର ରହିଛି। ଏଥିରେ ବ୍ୟତିକ୍ରମ ହେଲେ ବାତାବରଣ ଅଶାନ୍ତ ହେବ। ଯୋଡ଼ା ପୋଲିସ ପ୍ରଶାସନର ଦୁର୍ବଳ ନିଷ୍ପତ୍ତି ଯୋଗୁ ଏହିଭଳି ଘଟିଛି। ପ୍ରଶାସନିକ ବିଫଳତା ହେତୁ ଏହି ସଂଘର୍ଷ ଘଟିଛି ବୋଲି ସଦର ବିଧାୟକ ମୋହନ ଚରଣ ମାଝୀ କହିଛନ୍ତି। ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଏଠାରେ ନିଜ ନିଜ ଧର୍ମକୁ ଲୋକେ ମାନିବେ। ଯୋଡ଼ାରେ ଏହି ଘଟଣା ପରେ ପୋଲିସ ସାଧାରଣ ନିରୀହ ଜନତାଙ୍କୁ ଜେଲକୁ ନେଉଛି। ଏହା ତୁରନ୍ତ ବନ୍ଦ କରିବା ପାଇଁ ଏହି ଟିମ ରବିବାର ସନ୍ଧ୍ୟାରେ ଏସ୍‌ପିଙ୍କୁ ଭେଟ କରି କହିବେ ବୋଲି କହିଥିଲେ। ତେଣେ ଦୁଇ ସମ୍ପ୍ରଦାୟର ବୁଦ୍ଧିଜୀବୀ ମାନେ କହିଛନ୍ତି ଯେ, ଘଟଣା ଘଟି ସାରିଲାଣି। ଆଇନ୍ ତା ବାଟରେ ଯାଉ। କିନ୍ତୁ ଏହାକୁ ନେଇ ରାଜନୀତି ନ ହେଉ।

## ସରପଞ୍ଚ- ଜିଲା ପରିଷଦ ସଭ୍ୟ ବିବାଦ ବଢ଼ିଲା

**ଖବରଦାତା ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତ କଲେ ପଞ୍ଚାୟତବାସୀ**

ବାହାନଗା,୧୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତରେ ସରପଞ୍ଚ ଓ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରେ ଚାଲିଥିବା ବିବାଦ ବଢ଼ିବାରେ ଲାଗିଛି। ନୂଆପୁର ପଞ୍ଚାୟତବାସୀ ଜିଲାପରିଷଦ ସଭ୍ୟଙ୍କ ସପକ୍ଷରେ ବାହାରି ନିବ ନିର୍ବାଚିତ ସରପଞ୍ଚଙ୍କ ବିରୋଧରେ ଏକ ଖବରଦାତା ସମ୍ମିଳନୀ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ୧୦ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ଭାଜପା ଓ ବିଜେଡିର ଲୋକ ପ୍ରତିନିଧି ଓ ଜନସାଧାରଣଙ୍କ ସମେତ ବିଜେଡି ଜିଲାପରିଷଦ ସଭ୍ୟ ଉପସ୍ଥିତ ରହି ନୂତନ ସରପଞ୍ଚଙ୍କ ବିରୋଧରେ ମତ ରଖିଥିଲେ।


ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ସଭ୍ୟ ଓ ଅନ୍ୟମାନେ।

ନୂଆପୁର ପଞ୍ଚାୟତରେ ଅଦ୍ୟାବଧି ନାଏବ ସରପଞ୍ଚ ନିର୍ବାଚନ ହୋଇ ପାରିନାହିଁ । କଂଗ୍ରେସ ଦଳ ସମର୍ଥିତ ସରପଞ୍ଚ ବିଜୟୀ ହୋଇଥିବା ବେଳେ ଆବଶ୍ୟକ ୱାର୍ଡସଭ୍ୟ ତାଙ୍କ ପାଖରେ ନାହାନ୍ତି। ଗତ ୧୧ତାରିଖରେ ପଞ୍ଚାୟତରେ ବୈଠକ ବସିଥିଲା। ଏହି ବୈଠକରେ ପଞ୍ଚାୟତ ପକ୍ଷରୁ ସମିତି ସଭ୍ୟଙ୍କୁ ଡକାଯାଇ ନ ଥିଲା। ତେବେ ସେହି ଗ୍ରାମରେ ଜିଲା ପରିଷଦ ସଭ୍ୟଙ୍କ ଘର ହୋଇ ଥିବାରୁ ସେ ପଞ୍ଚାୟତ ମିଟିଂ ହଲ୍‌କୁ ଯାଇ ପଛରେ ବସିଥିଲେ ମଧ ତାଙ୍କୁ ସୌଜନ୍ୟତା ଦୃଷ୍ଟିରୁ ସରପଞ୍ଚ ଡାଇସ୍‌ରେ ବସିବାକୁ କହି ନ ଥିଲେ। ଏହାକୁ ୧୦ଜଣ ୱାର୍ଡସଭ୍ୟ ବିରୋଧ କରିବା ସହ ସମିତିସଭ୍ୟଙ୍କୁ କାହିକି ଡକାଯାଇ ନାହିଁ ବୋଲି ପଚାରିଥିଲେ। ଏଥିନେଇ ପାଣିତୁଣ୍ଡ ହୋଇଥିଲା। ସରପଞ୍ଚ ଅଟଳ ବିହାରୀ ରାଉତ ଓ ଜିଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସେ ସେଠାରୁ ପଳାଇ ଆସିଥିଲେ। ମାତ୍ର ସରପଞ୍ଚ କରିଥିବା ଅଭିଯୋଗ ମୂଳେ ସେ କୌଣସି ପଞ୍ଚାୟତ ସଭା ବହି କିମ୍ବା ନୋଟିସ୍ ଖାତା ଅଣି ନ ଥିବା ୱାର୍ଡସଭ୍ୟା ସଭ୍ୟ ଓ ଜିଲା ପରିଷଦ ସଭ୍ୟ ମହାଳିକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପାର ଜୟନ୍ତ ମହାନ୍ତି, ରବୀନ୍ଦ୍ର ମହାଳିକ, ଗୌରାଙ୍ଗ ମହଳିକ, ଜିଲାପରିଷଦ ସଭ୍ୟ ମହାଳିକ, ଉଦୟ ନାରାୟଣ ମହାପାତ୍ର, ଗୌରହରୀ ନାୟକ, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ନୂଆପୁର ଗ୍ରାମର ଜନସାଧାରଣ ଉପସ୍ଥିତ ରହି ନୂତନ ସରପଞ୍ଚ ରାଉତଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ରାଉତଙ୍କୁ ପଚାରିବାରୁ ଜିଲା ପରିଷଦ ସଭ୍ୟଙ୍କୁ ସେ କୌଣସି ଦୁର୍ବ୍ୟବହାର କରି ନାହାନ୍ତି ଓ ଜିଲା ପରିଷଦ ସଭ୍ୟ ପଞ୍ଚାୟତ ସଭା ବହି ଛଡ଼ାଇ ନେଇ ୱାର୍ଡସଭ୍ୟଙ୍କୁ ଦେଇ ଦେଇଥିବା କହିଛନ୍ତି।

## ନିଖୋଜ ବୃଦ୍ଧଙ୍କ ପତ୍ତା ମିଳୁନି

ଜଳେଶ୍ୱର,୧୭।୪(ଡି.ଏନ୍ ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଧାନସିମୁଳିଆ ଗାଁର ରାମକୃଷ୍ଣ ଚନ୍ଦ (୬୧) ୧୮ ଦିନ ହେଲା ନିଖୋଜ ହୋଇଯାଇଥିଲେ ହେଁ ତାଙ୍କର ପତ୍ତା ମିଳୁନି। ଏକମାତ୍ର ରୋଜଗାରକ୍ଷମ ରାମକୃଷ୍ଣଙ୍କୁ ନ ପାଇ ପରିବାରର ୪ ମହିଳା ଓ ୩ ନାବାଳକ ଏବେ ବେସାହାରା ହୋଇ ପଡ଼ିଛନ୍ତି। ରାମକୃଷ୍ଣଙ୍କ ଦୁଇ ପୁଅ ଗୌରାଙ୍ଗ ଓ ନିତ୍ୟାନନ୍ଦଙ୍କର ଦୀର୍ଘବର୍ଷ ପୂର୍ବରୁ ଅକାଳ ବିୟୋଗ ହୋଇଥିବାରୁ ପରିବାରର ପ୍ରତିପୋଷଣର ଭାର ରାମକୃଷ୍ଣଙ୍କ ଉପରେ ପଡ଼ିଥିଲା। ଗତ ୧ ତାରିଖ ଅପରାହ୍ନରେ ରାମକୃଷ୍ଣ ଏକ ଧୋତି, ଗେଞ୍ଜି ଓ ନାଲି ଗାମୁଛା ପିନ୍ଧି ଘରୁ ବାହାରିଥିଲେ ମଧ ୧୮ଦିନ ଧରି ଫେରି ନାହାନ୍ତି। ଏବେ ଗୌରାଙ୍ଗଙ୍କ ୨୨ ବର୍ଷର ଝିଅ ଦେବସ୍ମିତାଙ୍କ ଉପରେ ପଡିଛି ପରିବାରର ବୋଝ। ରାମକୃଷ୍ଣଙ୍କୁ ନ ପାଇ ନାମ୍ପୋ ଫାଣ୍ଡିରେ ନିଖୋଜ ସମ୍ପର୍କରେ ଲିଖିତଭାବେ ଜଣାଇ ଦିଆଯାଇଥିଲେ ମଧ ଅଦ୍ୟାବଧି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଯୋଡ଼ାରେ ଗୋଷ୍ଠୀ ସଂଘର୍ଷ ଘଟଣା
## ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ଯୋଡ଼ା, ୧୭।୪(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରରେ ରାମନବମୀରେ ଝଣ୍ଡା ସ୍ଥାପନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଉଭୟ ସମ୍ପ୍ରଦାୟର ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ମାମଲା (ନଂ.୬୫/୨୨) ରୁଜୁ କରି ଯୋଡ଼ା ଏଫ ଏମ୍‌ପି କଲୋନୀର ପ୍ରହ୍ଲାଦ ରାୟଙ୍କୁ ଗିରଫ କରିଛି। ସେହିପରି ମାମଲା (ନଂ. ୬୬/୨୨) ରୁଜୁ କରି ଯୋଡ଼ା ମୁସଲିମ୍ ବସ୍ତିର ଏମ୍‌ଡି ୱାସିଦ ଅହମ୍ମଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସମୁଦାୟ ୧୩ ଜଣଙ୍କୁ ଏହି ଗୋଷ୍ଠୀ ସଂଘର୍ଷ ମାମଲାରେ ଗିରଫ କରିଛି। ଏହି ମାମଲାରେ ବହୁ ଅଭିଯୁକ୍ତଙ୍କ ସଂପୃକ୍ତି ରହିଥିବା ଏବଂ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ରୂପ୍‌ସା,୧୭।୪(ଡି.ଏନ.ଏ. )- ବାଲେଶ୍ୱର ସଦରବ୍ଲକ ଅଧୀନ ସାର୍ଥା ଗ୍ରାମର ଜଣେ ବୃଦ୍ଧ ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଭୀମ ବେହେରା (୬୫)। ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ସେ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପୋଖରୀ ଭିତରୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶାରିଶୁଆ ଜଙ୍ଗଲରେ ନିଆଁ

ଖଇରା,୧୭।୪(ଡି.ଏନ.ଏ.)- ଶାରିଶୁଆ ପାହାଡର ପାଖାପାଖି ୫୦ବର୍ଗ କି.ମି. ଅଞ୍ଚଳ ଜଙ୍ଗଲରେ ନିଆଁଲାଗି ଗଛପତ୍ର ପୋଡ଼ି ଯାଉଥିବା ପାହାଡ଼ ସଂଲଗ୍ନ ଗ୍ରାମଗୁଡ଼ିକର ଅଧିବାସୀମାନେ ଅଭିଯୋଗ କରିଛନ୍ତି। ୨ଦିନ ଧରି ପାହାଡ଼ ଜଳୁଥିଲେ ହେଁ ବନ ବିଭାଗ ନିଆଁ ଲିଭାଇବା ପାଇଁ କୋଣସୀ ପଦକ୍ଷେପ ନେଉ ନ ଥିବା ବହୁ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ କୁପାରୀ ଫରେଷ୍ଟର ଯୋଗେଶ୍ୱର ହାଲଦାରଙ୍କୁ ଯୋଗାଯୋଗ କରିବାରେ ନିଆଁ ଲାଗିଥିବା ଅଞ୍ଚଳ ମୟୂରଭଞ୍ଜ ଜିଲା ଅଧୀନରେ ଆସୁଥିବାରୁ ସେମାନେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ଭଦ୍ରକ ଅଫିସ, ୧୭।୪-ଭଦ୍ରକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଲନ୍ଦୀ ନଦୀକୂଳରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଚାରିଘରିଆ ସ୍ଥିତ ନିର୍ମଳା ବାଟିକାରେ ରକ୍ତଦାନ ଶିବିର ଓ ବୈଠକ ହୋଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ବହୁ ଯୁବବର୍ଗ ରକ୍ତଦାନ କରିଥିଲେ।

## ଶ୍ରାଦ୍ଧ ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ

ବନ୍ତ, ୧୭।୪(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ୧୪ ନଂ. ଜୋନ୍ ବିଜେଡି ପକ୍ଷରୁ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଆଗରପଡ଼ା ଡାଏଟ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶଙ୍କ ଆବାହକତ୍ୱରେ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ରଞ୍ଜନ ପଣ୍ଡା, ସୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି, ସମିତିସଭ୍ୟ ନିର୍ମଳ ଚନ୍ଦ୍ର ନାୟକ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ରବିନାରାୟଣ ପୁହାଣ, ଜଇନୁଲ ଆବେଦିନ, ପ୍ରଦୀପ ପୁହାଣ, ଉଦୟ ନାରାୟଣ ସାହୁ, ପ୍ରଦ୍ୟୁମ୍ନ ପୁହାଣ ପ୍ରମୁଖ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସେମାନେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

# କାମରେ ଆସୁନି ଜଳ ଯୋଗାଣ ପ୍ରକଳ୍ପ

**ଧାମନଗର, ୧୭।୪**

ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇ ଦେବା ଲାଗି ଭଦ୍ରକ ଜିଲା ଧାମନଗର ବ୍ଲକରେ ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଉଛି। କେନ୍ଦ୍ର ସରକାରଙ୍କ ସ୍ୱଜଳ ଧାରା ଏବଂ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ଘରକୁ ଘର ପାଇପ୍ ଏବଂ ନଳକୂପ ଦ୍ୱାରା ପାନୀୟଜଳ ଯୋଗାଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ ବ୍ୟାପକ ଅର୍ଥ ହରିଲୁଟ ହେଉଥିବା ବେଳେ ଏଠାରେ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ବ୍ଲକର ୩୧ ପଞ୍ଚାୟତରେ ନିର୍ମିତ ପାଣିଟାଙ୍କିର ୯୦ ପ୍ରତିଶତ ଟାଙ୍କିରୁ ପାଣି ଟୋପାଏ ବାହାରୁ ନାହିଁ। ଏପରିକି କେତେକ ପଞ୍ଚାୟତରେ ନିର୍ମାଣ ହୋଇଥିବା ଟାଙ୍କି ଧୀରେ ଧୀରେ ଅଚଳ ହୋଇଗଲାଣି। କେତେକ ଟାଙ୍କିକୁ ଡ୍ୟାମେଜ ଘୋଷଣା କରାଯାଇ ସେହି ଟାଙ୍କି ନିକଟରେ ନୂତନ ଟାଙ୍କି ମଧ ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଡ୍ୟାମେଜ ଘୋଷିତ ପାଣି ଟାଙ୍କିର ମରାମତି ଓ ରଙ୍ଗ ମାରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଛି।

ଦୀର୍ଘବର୍ଷ ହେବ ନିର୍ମାଣ ହୋଇ ପଡ଼ିଥିବା ପାଣି ଟାଙ୍କି ବ୍ୟବହାର ହୋଇ ନ ଥିବାବେଳେ ସେଥିରୁ ବିଭିନ୍ନ ଗ୍ରାମକୁ ସଂଯୋଗୀକରଣ କରାଯାଇଥିବା ପାଣି ପାଇପ୍ ଓ ଟ୍ୟାପ୍ ଭାଙ୍ଗିରୁଜି ଯାଇଛି। ମରାମତି ଓ ରଙ୍ଗ କରାଯିବା ନେଇ ବ୍ୟୟ ଅଟକଳ ପାଇଁ କୌଣସି ସୂଚନା ଫଳକ ମଧ ରହୁନାହିଁ। ଫଳରେ ଏହି ଯୋଜନାରେ ଦୁର୍ନୀତି ନେଇ ସାଧାରଣରେ ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନିମ୍ନମାନର କାର୍ଯ୍ୟ ନେଇ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶିବ ବୁଦୁଲା କହିଛନ୍ତି, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବେ ସରିବ ସେ ଜାଣିନାହାନ୍ତି। ତେବେ ଦୁଇଟି ପଞ୍ଚାୟତରେ କାଁ ଭାଁ ସ୍ଥାନରେ ପାଣି ଯୋଗାଣ ହେଉଛି।



ଭଗବାନପୁର ପଞ୍ଚାୟତରେ ଅଚଳ ହୋଇପଡ଼ିଥିବା ଏକ ପାଣିଟାଙ୍କି।

## ବରିଷ୍ଠ ନାଗରିକ ପରିଷଦର ସ୍ୱାସ୍ଥ୍ୟ ଶିବିର



ଶିବିରରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

**ଧାମନଗର,୧୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ବରିଷ୍ଠ ନାଗରିକପରିଷଦ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ହାଇସ୍କୁଲ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ବଡ଼ ଡାକ୍ତରଖାନାର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ୫୧୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଭିନ୍ନ ରୋଗୀଙ୍କ ଚିକିତ୍ସା ସହ ଔଷଧ ପ୍ରଦାନ କରାଯାଇଥିଲା। ଗୁରୁତର ରୋଗୀଙ୍କୁ କଟକ ଯାଇ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

ପ୍ରାରମ୍ଭରେ ଘଣ୍ଟେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ସମ୍ପାଦକ ସଚିକାନ୍ତ ପଣ୍ଡା ସଞ୍ଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ଡା. ଜ୍ୟୋତିର୍ମୟ ନାୟକ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାଜଦୀପ ତ୍ରିପାଠୀ, ମୁରଲୀଧର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ନିରାକାର ଧଳ, ରାମଚନ୍ଦ୍ର ସାହୁ, ମହେଶ୍ୱର ସ୍ୱାଇଁ, ସୁରଥ ସେଠୀ, ବିଦ୍ୟାଧର ରାଉତ, ଗୋଲକ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଅଭିମନ୍ୟୁ ମଳିକ ଧନ୍ୟବାଦ ଦେଇଥିଲେ।

# ‘ସମାଜରେ ଜାତୀୟ ଚରିତ୍ରର ଅବକ୍ଷୟ ଘଟୁଛି’



ଦିବଂଗତ ଶିକ୍ଷକ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଇରା,୧୭।୪(ଡି.ଏନ.ଏ.)**

**ବାଘୁଆ ସ୍କୁଲର ୨ଛାତ୍ରବତ୍ସଳ ଶିକ୍ଷକଙ୍କ ସ୍ମୃତିସଭା**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅମରିଆ ପୂଜ୍ୟପୂଜା ସ୍ମୃତି ସମିତି ଆନୁକୁଲ୍ୟରେ ବାଘୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଦିବଂଗତ ଛାତ୍ରବତ୍ସଳ ଶିକ୍ଷକ ପୀତାମ୍ବର ମହାନ୍ତି ଓ କମଳାକାନ୍ତ ମହାନ୍ତିଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ ଉତ୍ସବ ରବିବାର ଅମରିଆ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ରିଜିଓନାଲ କଲେଜ ଅଫ୍ ଏଜୁକେଶନର ପ୍ରଫେସର ଡ. ପ୍ରୀତିଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଅନନ୍ତପୁର ମହାବିଦ୍ୟାଳୟର ପ୍ରଧାପକ ବିକ୍ରମ କେଶରୀ ମହପାତ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାପକ ଡ. ବ୍ରଜମୋହନ ମିଶ୍ର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ମା’ ବାପା ନିଜର ପିଲାମାନଙ୍କୁ ଭଲମଣିଷ ତିଆରି କରିବାର ଦ୍ୱାହି ଦେଇ ଯନ୍ତ୍ରବତ୍ କିଛି ଡାକ୍ତର, ଇଞ୍ଜିନିୟର ସୃଷ୍ଟି କରୁଛନ୍ତି। ଯେଉଁଥିପାଇଁ ବାର୍ଦ୍ଧକ୍ୟ ବା ଅପରାହ୍ନ ସମୟ ଯନ୍ତ୍ରଣା ଦାୟକ ହୋଇ ପଡୁଛି। କହିବାକୁ ଗଲେ ବର୍ତ୍ତମାନ ଅତ୍ୟାଧୁନିକତା ପାଇଁ ଜାତୀୟ ଚରିତ୍ରର ଅବକ୍ଷୟ ଘଟୁଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଓଡିଶା ଶିକ୍ଷାଧିକାର ଫୋରମର ଆବାହକ ଅନିଲ ପ୍ରଧାନ,ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ହରିହର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁଙ୍କ ଉଦ୍ଦେଶ୍ୟରେ ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକ ଜୀବନ ଦୀପ ଓ ଧର୍ମକୁ ଅତିଥିମାନେ ଉନ୍ମୋଚନ କରିବା ସହ ଦୁଇ ଦିବଂଗତ ଶିକ୍ଷକଙ୍କ ପରିବାର ବର୍ଗଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିଥିଲେ। ହରିହର ଦାସଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ, ରମେଶ ଜେନା ଅତିଥି ପରିଚୟ, ଅଧାପକ ବିଜୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ ।

## ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବାଲିଆପାଳ, ୧୭।୪(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ଗ୍ରାମର ଥିବା ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟରେ ଶନିବାର ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ମାର୍ଚ୍ଚ ୨୬ରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧକ୍ଷତା କରିଥିଲେ। ପ୍ରୋଗ୍ରାମ କୋ ଅର୍ଡିନେଟର ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିବିରରେ ଆହରଣ କରିଥିବା ଅଭିଜ୍ଞତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅଧାପକ ବରେନ୍ଦ୍ର ବେହେରା, ରାଜେନ୍ଦ୍ର ବାରିକ, ଉତ୍ତମ ମହାନା, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଅପର୍ଣ୍ଣା ମାଝି, ସୁକାନ୍ତ ଜେନା, ସୁଶାନ୍ତ ମହାପାତ୍ର, ଅରୁଣ ମାଣିକ, ସନ୍ନ୍ୟାସୀ ବେହେରା, ସୁବାସିନି ପାତ୍ର ଓ ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜଳଛତ୍ର ଉଦ୍‌ଘାଟନ କଲେ ବିଧାୟକ

**ବାସୁଦେବପୁର, ୧୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ତହସିଲ ସାମ୍ନା ବସ୍‌ଷ୍ଟାଣ୍ଡଠାରେ ବିଧାୟକଙ୍କ ଉଦ୍ୟମକ୍ରମେ ଏକ ଜଳଛତ୍ର ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଦେଢ଼ମାସରୁ ଉର୍ଦ୍ଧ୍ୱ ଏହି ଜଳଛତ୍ର କେନ୍ଦ୍ର ଖୋଲା ରହିବା ସହ ବାଟୋଇ, ଯାତ୍ରୀଙ୍କୁ ଜଳ ପ୍ରଦାନ କରାଯିବ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ପୌର ଉପାଧକ୍ଷ ଉତ୍ତମ ବାରିକ, ପୂର୍ବତନ କାଉନ୍‌ସିଲର ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜଳଛତ୍ର ଉଦ୍‌ଘାଟନ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

# ତାଳସାରୀ ସମୁଦ୍ରକୂଳରେ ତିଳତର୍ପଣ

**ଭୋଗରାଇ,୧୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ରକୂଳରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ ତିରୋଧାନ ଦିବସ ଉପଲକ୍ଷେ ବିଜେଡି ପକ୍ଷରୁ ତିଳତର୍ପଣ କରାଯାଇଛି। ଚନ୍ଦନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ପରିସରରେ ପଡ଼ିରହିଥିବା ଅଳିଆ ଆବର୍ଜନାକୁ ବିଜେଡି କର୍ମୀ ଓ ନେତା ସଫା କରିଥିଲେ। ପରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ଅପରାହ୍ନରେ ପୁଟିଣା ଗ୍ରାମ ମହାଦେବ ମନ୍ଦିରଠାରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଦଳର ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲାପରିଷଦ ସଦସ୍ୟା କବିତା ମାହାନ୍ତି, ଗିରିଶ ଦତ୍ତ, ବିଜେଡି ଜିଲା ଉପସଭାପତି ଭୁବନାନନ୍ଦ ଦାସ, ସାଧାରଣ ସମ୍ପାଦକ ତପନ କୁମାର ପଣ୍ଡା, ସରପଞ୍ଚ ଅରୁଣ କୁମାର ଗିରି, ସମିତି ସଦସ୍ୟ ଭବାନୀ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରଣୀ ବେହେରା, ପୂର୍ବତନ ଉପାଧକ୍ଷ ଦୀପକ କୁମାର ଦାସ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା, ସ୍ଥାନୀୟ ସରପଞ୍ଚ, ସମିତି ସଦସ୍ୟ ଓ ଦଳର ବହୁ ବରିଷ୍ଠ ନେତା ବିଜୁ ବାବୁଙ୍କ ସୁନାର ଓଡ଼ିଶା ଗଢ଼ିତୋଳିବାର ସ୍ୱପ୍ନକୁ ସାକାର କରିବାକୁ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପୁଟିଣା ହାଟ ପଡ଼ିଆରୁ ଏକ ଶୋଭାଯାତ୍ରା ବାହାରି ମହାଦେବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ।



ବିଜେଡି କର୍ମୀ ଓ ନେତାମାନେ ତିଳତର୍ପଣ କରୁଛନ୍ତି।

## ବୈଦିକ ବିଦ୍ୟାପୀଠରେ ସମାବର୍ତ୍ତନ ମହୋତ୍ସବ

**ଭଦ୍ରକ ଅଫିସ,୧୭।୪**

ଭଦ୍ରକ ବରପଦା ସ୍ଥିତ ସରସ୍ୱତୀ ବିହାରରେ ଥିବା ବୈଦିକ ବିଦ୍ୟାପୀଠର ପ୍ରଥମ ସମାବର୍ତ୍ତନ ଉତ୍ସବ କ୍ଷୁଦିରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ନାଟକ, ଉଡୁପାସ୍ଥ ବାଦିରାଜ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ଡା. ବି. ଗୋପାଳାଚାର୍ଯ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ବେଦ ବିଦ୍ୟା ଓ ଭାରତୀୟ ସଂସ୍କୃତିକୁ ପୁନର୍ଜୀବିତ କରି ସାରା ଭାରତକୁ ବିଶ୍ୱଗୁରୁ କରାଯିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଡା. ରବୀନ୍ଦ୍ର କୁମାର ନାୟକ, ଅନ୍ୟତମ ଅତିଥି ଭାବେ ଡା. ଶତ୍ରୁଘ୍ନ ହାତୀ, ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ପାଢ଼ୀ ଓ ବିଦ୍ୟାପୀଠର ମୁଖ୍ୟ ପୃଷ୍ଠପୋଷକ ସାମାଜିକ କର୍ମୀ ଶେଖର ମହାପାତ୍ର ଯୋଗଦେଇ ବୈଦିକ ବିଦ୍ୟାପୀଠର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ଡ. ବି. ଗୋପାଳାଚାର୍ଯ୍ୟଙ୍କୁ ସଂସ୍କୃତ ରାଷ୍ଟ୍ରଗୌରବ ଉପାଧି ଏବଂ ସମସ୍ତ ୧୦ ବେଦ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତ ଉଦ୍ଦେଶ୍ୟ ଜ୍ଞାପନ ଓ ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଭଦ୍ରକ ବ୍ରାହ୍ମଣ ମହାସଂଘର ସମ୍ପାଦକ ବସନ୍ତ କୁମାର ଦୀକ୍ଷିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାପୀଠର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ପ୍ରଶାନ୍ତ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଅମିନଙ୍କ ପରଲୋକ

**ବାସୁଦେବପୁର,୧୭।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ତହସିଲର ଅବସରପ୍ରାପ୍ତ ଅମିନ କାଳୀ ଦେ(୬୮)ଙ୍କର ରବିବାର ପରଲୋକ ଘଟିଛି। ମଧାହ୍ନରେ ସେ ହଠାତ୍ ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର ବାସୁଦେବପୁର ସହର ନିକଟବର୍ତ୍ତୀ ବିଦ୍ୟୁତ୍ ମାର୍ଗ ଅଞ୍ଚଳରେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ ଦାସ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## ତାରିଣୀ ମନ୍ଦିର ବାର୍ଷିକୋତ୍ସବ

**ପଦ୍ମପୁର,୧୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର କାଶିଅଭିରାମ ଫକୀରପୁରଠାରେ ମା’ ତାରିଣୀ ମନ୍ଦିରର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ୧୦୮ କଳସ ଶୋଭାଯାତ୍ରା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଶନିବାର ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଜଗନ୍ନାଥପ୍ରସାଦ, ଗୁଆଗଡ଼ିଆ ଓ ବାଲିମେଦ ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟିର ଶଶିକାନ୍ତ ବାରିକ, ରାଧାକାନ୍ତ ବାରିକ, ବିଦ୍ୟାଧର ପଲେଇ, ଜଗବନ୍ଧୁ ବାରିକ, ଅମରନାଥ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



ମନ୍ଦିର ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

# ଓଏସ୍‌ଏପି ବାଟାଲିୟନ ଅଫିସ ଏବେ ଭୂତକୋଠି

**କେନ୍ଦୁଝର, ୧୭।୪ (ସ୍ୱ.ପ୍ର.)**

**କୋଟିକୋଟି ଟଙ୍କାର କୋଠା ଜରାଜୀର୍ଣ୍ଣ**

କେନ୍ଦୁଝର ପୁରୁଣା ସହରରେ ଥିବା ପୋଲିସ ବିଭାଗର ଓଏସ୍‌ଏପି ୨ୟ ବାଟାଲିୟନ ଅଫିସ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏକଦା ଜିଲାର ସୁରକ୍ଷା ପାଇଁ ଏଠାରେ ବହୁ ସଂଖ୍ୟାରେ ସୁରକ୍ଷାବଳ ରହୁଥିଲେ। ଦୀର୍ଘ ବହୁ ବର୍ଷ ହେଲା ଏହା ଅବ୍ୟବହୃତ ହୋଇ ପଡିଥିବାରୁ ଏହାର ପରିସର ଅପନ୍ତରା ହୋଇ ପଡିରହିଛି । ଏନେଇ ସ୍ଥାନୀୟ ଅଧିବାସୀ ମାନେ ଜିଲା ପୋଲିସ ମୁଖ୍ୟଙ୍କୁ ଜଣାଇଥିଲେ ହେଁ ବ୍ୟବହାର କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ କୋଟି କୋଟି ଟଙ୍କା ମୂଲ୍ୟର କୋଠାବାଡ଼ି ଦୀର୍ଘ ବର୍ଷ ହେଲା ବ୍ୟବହାର ହେଉ ନ ଥିବାରୁ ଭୂତକୋଠିରେ ପରିଣତ ହେବାକୁ ବସିଛି ।

କିଛି ବର୍ଷ ପୂର୍ବେ ଏଠାରେ ବାଟାଲିଅନ ପୋଲିସ ରହୁଥିବାରୁ ଚଳଚଞ୍ଚଳ ରହୁଥିଲା। ବାଟାଲିୟନ ଅନ୍ୟ ଜିଲାକୁ ଉଠିଯିବା ପରେ ଏହି ଅଞ୍ଚଳ ଖାଲି ପଡିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଜନକଲ୍ୟାଣ କାର୍ଯ୍ୟରେ ଉପଯୋଗ କରି କଲ୍ୟାଣ ମଣ୍ଡପ ଖୋଲାଯାଇଥିଲା। ବିବାହ, ବ୍ରତ, ଜନ୍ମଦିନ ଆଦି ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହେଉଥିଲା। କିନ୍ତୁ ପରେ ଏହି କାର୍ଯ୍ୟକୁ ବନ୍ଦ କରିଦେବା ଫଳରେ ଏହା ବନ୍ଦ ରହିଛି । ଦୀର୍ଘ ବର୍ଷ ଧରି ବନ୍ଦ ରହିବା ଫଳରେ ଏହାର ପରିସର ଜଙ୍ଗଲ ହୋଇ ସାପ, ପୋକଜୋକ ଆଦିଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏହାକୁ ବ୍ୟବହାର କରା ନ ଗଲେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ମତ ପ୍ରକାଶ ପାଉଛି। ଏଣୁ ଏହାକୁ ପୁଣିଥରେ ଲୋକଙ୍କ ବୃହତ୍ତ ସ୍ୱାର୍ଥ ପାଇଁ ସାଇବର ଥାନା ବା ଏନ୍‌ସିସି ଅଫିସ କିମ୍ବା ପୂର୍ବପରି କଲ୍ୟାଣମଣ୍ଡପ କାମରେ ବ୍ୟବହାର କରିବାକୁ ସ୍ଥାନୀୟ ସରୋଜ କୁମାର ରଣା କହିଛନ୍ତି। ଯୋଗେଶ୍ୱର ଧୀର, କୈଳାସ ଚନ୍ଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଚନ୍ଦ୍ର ଶେଖର ବ୍ରହ୍ମ, ଜୟନ୍ତ କୁମାର ମହାନ୍ତି, ନବ କିଶୋର ସାହୁ ସମେତ ବହୁ ଦସ୍ତଖତ କରି ଜିଲା ପୋଲିସ ମୁଖ୍ୟଙ୍କୁ ଏହାର ସୁରକ୍ଷା ଏବଂ ଜନ କଲ୍ୟାଣ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି।



ଜରାଜୀର୍ଣ୍ଣ ଅବସ୍ଥାରେ ବାଟାଲିୟନ କାର୍ଯ୍ୟାଳୟ।

## ସଂକ୍ଷେପରେ

### ସମୁଦ୍ରରେ ଛଡ଼ାହେଲା ୧୩୯ ଅଲିଭ୍ ରିଡ୍‌ଲେ ଶାବକ

ବାଲିଆପାଳ,୧୭।୪(ସ୍ୱ.ପ୍ର)- ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ବନ ବିଭାଗ ଅଧୀନ ଚୋମୁଖ ସମୁଦ୍ର ବେଳଭୂମି ଏବେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନସ୍ଥଳୀ ପାଲଟିଛି। ବର୍ଷାକୁ ଶହ ଶହ ଅଲିଭ୍ ରିଡ୍‌ଲେ କଇଁଛ ପର୍ଯ୍ୟାୟ କ୍ରମେ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଫେରି ଯାଆନ୍ତି। ପାଖା ପାଖି ଦୁଇମାସ ମଧ୍ୟରେ ଅଣ୍ଡାରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଚାଲିଯାଆନ୍ତି। ସେହିପରି ରବିବାର ପ୍ରଥମ ପର୍ଯ୍ୟାୟରେ ଲଙ୍ଗଳେଶ୍ୱର ବନବିଭାଗ ଦ୍ୱାରା ଚୋମୁଖ ଠାରେ ସମୁଦ୍ରରେ ୧୩୯ଟି ଅଲିଭ ରିଡ୍‌ଲେ କଇଁଛ ଶାବକ ଛଡାଯାଇଥିବାର ସୂଚନା ମିଳିଛି। ଚାଳିତ ବର୍ଷ ବହୁ କମ୍ ସଂଖ୍ୟକ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥିଲେ। ସେମାନେ ମୋଟ ୧୪୫ଟି ଅଣ୍ଡା ଦେଇଥିବା ବନବିଭାଗ ପକ୍ଷରୁ ପ୍ରକାଶ। ସେହି ଅଣ୍ଡା ଗୁଡ଼ିକୁ ଅସ୍ଥାୟୀ ହେଚେରୀରେ ୫୨ଦିନ ରଖାଯିବା ପରେ ସେଥିରୁ ୧୩୯ ଶାବକ ଜନ୍ମ ନେଇଥିଲା। ଉକ୍ତ ଶାବକ ଗୁଡିକୁ ରବିବାର ସକାଳ ଲଙ୍ଗଳେଶ୍ୱର ବନବିଭାଗର ଫରେଷ୍ଟ ଗାର୍ଡ ହୃଷିକେଶ ପ୍ରଧାନ ସମୁଦ୍ରରେ ଛାଡ଼ିଥିବା ନେଇ ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ସରିଲା ମହାବିଷୁବ ସଂକ୍ରାନ୍ତି

ପାଟଣା,୧୭।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ଲକ୍ଷ୍ମୀ ନାରାୟଣ କ୍ଲବ ପକ୍ଷରୁ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ମହାବିଷୁବ ପଣା ସଂକ୍ରାନ୍ତି ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଆୟୋଜିତ ଉଦ୍‌ଘାଟନୀ ସଭାରେ ତରୁଣ କୁମାର ଗାଙ୍ଗୁଲି, ଶବିର ଦାଶ ଓ ମୋହନ ସୁନ୍ଦର ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର କମିଶନରେଟ ଅତିରିକ୍ତ ଡିସିପି ବ୍ରଜ ମୋହନ ନାଏକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ କ୍ଷେତ୍ରବାସୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାହସବିହାରୀ ପୃଷ୍ଟି, ସାମାଜିକ କର୍ମୀ ଅଜୟ କୁମାର ଦାଶ, ବିରଞ୍ଚି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ରାଇରଙ୍ଗପୁର, ରାଉରକେଲା, ଓ ବାରିପଦାର ଝୁମର ଗ୍ରୁପ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ବିଜୁ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ଖଇରା,୧୭।୪(ଡି.ଏନ.ଏ.)- ବିଜୁବାବୁଙ୍କ ୨୫ତମ ପୂର୍ଣ୍ୟତିଥି ପାଳନ ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ବର୍ତ୍ତନା ହାଇସ୍କୁଲ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହ୍ଲାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ୧୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାକ୍ତନ ସରପଞ୍ଚ ସୁଶାନ୍ତ କୁମାର ମିଶ୍ର, ପ୍ରାକ୍ତନ ସମିତି ସଭ୍ୟ ରଘୁନାଥ ପଣ୍ଡା, ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ନିଲିମା ପ୍ରିୟଦର୍ଶନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଆମ୍ବେଡକରଙ୍କ ଜୟନ୍ତୀ

ବାରିପଦା ଅଫିସ,୧୭।୪- ମୟୂରଭଞ୍ଜ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ବାରିପଦା ପୌର ପାଳିକାର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଡ. ବି.ଆର୍ ଆମ୍ବେଡକରଙ୍କ ଜନ୍ମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ୱାର୍ଡ ନଂ. ୧୫ ପୂର୍ଣ୍ଣଚନ୍ଦ୍ରପୁରଠାରେ ଥିବା ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବିଜେଡି ରାଜ୍ୟ ସମ୍ପାଦକ ଡା.ଦେବାଶିଷ ମାରାଣ୍ଡିଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରକ୍ତଦାନ କଲେ ଯୁବଗୋଷ୍ଠୀ

ମୋରଡା,୧୭।୪ (ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡାର ବାବା ଚିତ୍ରେଶ୍ୱର କ୍ଲବର ଦୁଇଜଣ ଯୁବକ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜରେ ଚିକିତ୍ସିତ ଦୁଇଜଣ ରୋଗୀଙ୍କୁ ରକ୍ତଦାନ କରିଛନ୍ତି। ରକ୍ତଦାନ କରିଥିବା ଦୁଇଜଣ ଯୁବକ ହେଲେ ସୁମନ୍ତ କୁମାର ମହାନ୍ତ ଏବଂ ସୁକାନ୍ତ କୁମାର ମହାନ୍ତ। ଏଭଳି ମହତ କାର୍ଯ୍ୟ ପାଇଁ କ୍ଲବ ତରଫରୁ ଦୁଇଜଣଙ୍କୁ ପ୍ରଶଂସା କରାଯାଇଛି।

# କେନ୍ଦୁ ଦେଉଛି ଜୀବିକା

**ନରେଶ ପଟ୍ଟନାୟକ**
**କେନ୍ଦୁଝର, ୧୭।୪**


ଗ୍ରାହକଙ୍କ ଅପେକ୍ଷାରେ ବନବାସୀ ମହିଳା।

କେନ୍ଦୁଝର ଜିଲାର ବନବାସୀଙ୍କୁ ପ୍ରକୃତି ଦେଇଛି ବଞ୍ଚିବାର ବହୁ ସାଧନ। ଜଙ୍ଗଲଜାତ ଦ୍ରବ୍ୟ ସାଙ୍ଗକୁ ଫଳମୂଳ ଆଦି ସଂଗ୍ରହ କରି ନିଜେ ଖାଇଥାନ୍ତି ଏବଂ ବଳକା ହାଟ ବଜାରରେ ବିକି ତେଲ ଲୁଣ କିଣି ପରିବାର ଗୁଜୁରାଣ ଚଳାଇଥାନ୍ତି । ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫଳମୂଳ ଜଙ୍ଗଲରୁ ମିଳିଥାଏ। ଖରା ଦିନରେ କେନ୍ଦୁ ପାଚିଥାଏ। କେନ୍ଦୁର ସ୍ୱାଦ ନିଆରା। ବିଶେଷ କରି ବାଡି ବଗିଚା ତଥା ବଣ ଜଙ୍ଗଲରେ କେନ୍ଦୁ ଗଛ ହୋଇଥାଏ । ଏହାକୁ ପିଲା ଠାରୁ ବୁଢା ସମସ୍ତେ ଖାଇବାକୁ ପସନ୍ଦ କରିଥାନ୍ତି। ବିନା ଖର୍ଚ୍ଚରେ ଏହା ମିଳିଥାଏ। ଶହ ଶହ ବନବାସୀ ବଣ ଜଙ୍ଗଲ ବୁଲି ସଂଗ୍ରହ କରି ବିକି ଚଳିଥାନ୍ତି।

ବିଶେଷ କରି ଏହି ଋତୁରେ ସକାଳୁ ସକାଳୁ ପିଲା ଠାରୁ ବୃଦ୍ଧ/ବୃଦ୍ଧା ଦଳ ଦଳ ହୋଇ ଟୋକେଇ, ବ୍ୟାଗ ଆଦି ଧରି ବଣ ପାହାଡ଼କୁ ଯାଇଥାନ୍ତି । ପ୍ରାକୃତିକ ପରିବେଶରେ ଏହି ଗଛ ଉଠିଥାଏ ଏବଂ ଫଳ ଫଳିଥାଏ । ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର । ଏହାର ଚାହିଦା କଟକ, ଭୁବନେଶ୍ୱର ତଥା ରାଜ୍ଯ ବାହାରେ ଅଧିକ ରହିଛି। ଏଣୁ ବ୍ୟବସାୟୀମାନେ ଝୁଡ଼ି ଦରରେ କେନ୍ଦୁ କିଣି ବାହାରକୁ ଚାଲାଣ କରି ବେଶ ଲାଭବାନ ହୋଇଥାନ୍ତି। କେନ୍ଦୁଝର ବଜାର ରେ ଏହାର ଭାଗ ୨୦ ଟଙ୍କା ରେ ବିକ୍ରି ହୋଇଥାଏ। ପ୍ରାୟ ପ୍ରତ୍ୟେକ ପରିବାରରେ ଏହି ସମୟରେ କେନ୍ଦୁ ଖାଇବାକୁ ଭଲ ପାଇଥାଆନ୍ତି। ତେବେ ଏହାକୁ ସାଇତି ରଖିବା ପାଇଁ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ବନବାସୀ ମାନେ ବଜାରକୁ ଆଣୁଥିବା କେନ୍ଦୁ ବିକି ନ ପାରି ଛାଡିଦେଇଯାଇଥାନ୍ତି। ସେହିପରି ବହୁ କେନ୍ଦୁ ନଷ୍ଟ ହୋଇଥାଏ। ବିଶେଷ କରି ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସଦର, ଯୋଡ଼ା ଆଦି ବ୍ଲକ ଅଞ୍ଚଳ ବଣପାହାଡ଼ରେ କେନ୍ଦୁ ଗଛ ଅଧିକ ରହିଛି। ବ୍ୟାପକ ଜଙ୍ଗଲ କ୍ଷୟ ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁ କେନ୍ଦୁ ଗଛ ନଷ୍ଟ ହେଉଥିବା ବେଳେ ଏହାର ସୁରକ୍ଷା ପାଇଁ ଦାବି ହେଉଛି ।

କେନ୍ଦୁ ଗଛ ପତ୍ରରୁ ବିଡି ପ୍ରସ୍ତୁତ ହୋଇଥାଏ। ହଜାର ହଜାର ଲୋକ କେନ୍ଦୁପତ୍ର ତୋଳି ସରକାରଙ୍କୁ ବିକି ଦୁଇ ପଇସା ରୋଜଗାର କରିଥାନ୍ତି। ବିନା ବ୍ୟୟରେ ସରକାର ବହୁ ରାଜସ୍ୱ ପାଇଥାନ୍ତି। ଭାଲୁ, ବାରହା ଆଦି ବନ୍ୟଜନ୍ତୁଙ୍କ ପ୍ରିୟ ଖାଦ୍ୟ କେନ୍ଦୁ । ଏଣୁ କେନ୍ଦୁ ଖାଇବା ପାଇଁ ଆସିବା ସମୟରେ ଅନେକ ସମୟରେ କେନ୍ଦୁ ତୋଳାଳୀଙ୍କ ସହିତ ମୁହାଁମୁହିଁ ହୋଇଥାନ୍ତି। ଫଳରେ ବହୁ ଲୋକ ସେମାନଙ୍କ ଆକ୍ରମଣର ଶିକାର ହୋଇ କ୍ଷତବିକ୍ଷତ ହୋଇଥାନ୍ତି । ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ଅନେକ ସମୟରେ ଲୋକଙ୍କୁ ସଚେତନ କରିଥାନ୍ତି।

# ଘୋଡ଼ାନାଚରେ ଦୁଲୁକୁଛି ଗାଁ ଦାଣ୍ଡ


ପୂଜା ମଣ୍ଡପରେ ପରିବେଷିତ ଚଇତି ଘୋଡ଼ାନାଚ।

**ଆରଡ଼ି, ୧୭।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତ ବୋଡ଼କ ଗାଁ ଚଇତି ପୁନେଇ ପର୍ବ ଲାଗି ଉତ୍ସବମୁଖର ହୋଇଛି। କରୋନା ଯୋଗୁ ଦୁଇବର୍ଷ ହେଲା ଏହି ପର୍ବ ଫିକା ପଡ଼ିଥିଲା। ଚଳିତବର୍ଷ କଟକଣା କୋହଳ ହେବାରୁ ପୁଣି ଏଠାରେ ଏହି ପର୍ବ ପାଳନ କରାଯାଉଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପର୍ବ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ ରହିଛି। ଏହି ପର୍ବରେ କେବଳ କୈବର୍ତ୍ତ ଓ ନିଆରୀ ସମ୍ପ୍ରଦାୟ ନୁହେଁ ଏଠାରେ ବସବାସ କରୁଥିବା ଅନ୍ୟ ସମ୍ପ୍ରଦାୟ ବି ନିଜକୁ ସାମିଲ କରି ଭାଇଚାରାର ସମ୍ପର୍କ ବଜାୟ ରଖିଛନ୍ତି।

ଉତ୍ସବର ପ୍ରଥମ ଦିନରେ ନିଜ ବ୍ୟବହୃତ ଡଙ୍ଗା, ଜାଲ, ଢିଙ୍କି ଆଦି ମଣ୍ଡପରେ ପୂଜା ଉଦ୍ଦେଶ୍ୟରେ ରଖାଯାଇଥିଲା। ବିଶେଷ ଆକର୍ଷଣ ହେଲା ଘୋଡ଼ାନାଚ। ପରବ ସମୟରେ ଏକ କାଠଘୋଡ଼ାକୁ ସୁସଜ୍ଜିତ କରାଯାଇ ପୂଜା ମଣ୍ଡପରେ ରଖାଯାଇଛି। ସକାଳେ ଓ ସନ୍ଧ୍ୟାରେ ଏହାକୁ ନଚାଯାଉଥିବା ଦେଖିବାକୁ ମିଳିଛି। ଘୋଡ଼ାନାଚରେ ଗାଁ ଦାଣ୍ଡ ଦୁଲୁକୁଛି। ପୁରୁଷ ପରୁଷ ଧରି ଏହି ପରମ୍ପରା ଗାଁ ଐତିହ୍ୟ ଓ ପ୍ରଥାର ପ୍ରଚାର କରୁଛି। ଘୋଡ଼ାନାଚ ଦେଖିବା ପାଇଁ ସ୍ଥାନୀୟ ଗାଁରୁ ଶତାଧିକ ଦର୍ଶକଙ୍କ ଭିଡ଼ ଜମୁଛି। ଏହି ପର୍ବର ଅନ୍ୟ ଆକର୍ଷଣ ହେଲା ରାତିରେ ପାଲା ଆୟୋଜନ। ବିଭିନ୍ନ ସୁନାମଧନ୍ୟ ଗାୟକଙ୍କ କଣ୍ଠ ନିସୃତ ପାଲାଗୀତ ଶୁଣିବା ପାଇଁ ବୋଡ଼କ ଗାଁକୁ ଦର୍ଶକମାନଙ୍କ ସୁଅ ଛୁଟୁଛି।

# ଜିଲା କ୍ରୀଡ଼ା ସଂସ୍ଥାର ନୂତନ ମଞ୍ଚ ଲୋକାର୍ପିତ

**କେନ୍ଦୁଝର, ୧୭।୪(ଡି.ଏନ୍.ଏ.)**

କେନ୍ଦୁଝର ଷ୍ଟାଡିୟମଠାରେ ଏକ ସୁଦୃଶ୍ୟ ନବନିର୍ମିତ ମଞ୍ଚକୁ ଜିଲାର କ୍ରୀଡାପ୍ରେମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି ସ୍ପଞ୍ଜ କାରଖାନା ପକ୍ଷରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ମଞ୍ଚର ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ଏମ୍‌ଏସ୍‌ପି ସ୍ପଞ୍ଜ ଆଇରନ କାରଖାନାର ସିଇଓ ଇଂ ଦେବବ୍ରତ ସ୍ୱାଇଁ, ସିନିୟର ଜିଏମ୍ ସଞ୍ଜୟ ସାହୁ, ଜିଲା କ୍ରୀଡା ସଂସ୍ଥା ସାଧାରଣ ସଂପାଦକ ଡା. ଜନାର୍ଦ୍ଦନ ଦାଶ, ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କମ୍ପାନୀ କର୍ତ୍ତୃପକ୍ଷଙ୍କ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟର ପ୍ରଶଂସା କରିବା ସହ କ୍ରୀଡାବିତଙ୍କୁ ଉତ୍ସାହ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏମ୍‌ଏସ୍‌ପି ବ୍ଲୁ ଏବଂ ଏମ୍‌ଏସ୍‌ପି ରେଡ୍ ମଧ୍ୟରେ ଆୟୋଜିତ ହୋଇଥିଲା। ବିଶ୍ୱମ୍ଭର ମହାକୁଡ, ଯଶୋବନ୍ତ ପାତ୍ର ଅମ୍ପାୟାରିଂ କରିଥିବାବେଳେ ସତ୍ୟନାରାୟଣ ସିଂ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଖେଳାଳି, କ୍ରୀଡାବିତମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଏସ୍‌ପି ସ୍ପଞ୍ଜ କାରଖାନାର ଉପସଭାପତି ବସନ୍ତ ସାହୁ, ସିନିୟର ଜିଏମ୍(ଏଚ୍ଆର୍) ରଞ୍ଜନ କୁମାର ଜେନା, ପରିଚାଳକ ଶିଶିର ପାତ୍ର, ଡିଜିଏମ୍ ନିହାର ରଞ୍ଜନ ପାତ୍ର, ବରିଷ୍ଠ ପରିଚାଳକ(ସିଭିଲ) ସୁବାସ ଦାଶ, ଅର୍ପିତ ପଟ୍ଟନାୟକ, ଭୀମସେନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# 'ପହିଲି ପୁଲକ' ଉନ୍ମୋଚିତ

**ବନ୍ତ,୧୭।୪(ସ୍ୱ.ପ୍ର.)**


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁରଠାରେ ସାମାଜିକ କର୍ମୀ ମଦନ ମୋହନ ସାହୁଙ୍କ ସ୍ତ୍ରୀ କବୟିତ୍ରୀ ସୁଭଦ୍ରା ସାହୁଙ୍କ ରଚିତ କବିତା ପୁସ୍ତକ 'ପହିଲି ପୁଲକ' ଉନ୍ମୋଚିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉତ୍କଳମଣି ଶିଶୁ ସାହିତ୍ୟର ସଭାପତି ରତ୍ନାକର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ଅନ୍ୟତମ ଅତିଥି ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, ସାଇ ଚେତନା ସଂସଦର ସମ୍ପାଦକ ଚତୁର୍ଭୁଜ ପହି, ପୁରୁଷୋତ୍ତମ ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ଶିକ୍ଷକ ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜଣେ ବିବାହିତା ନାରୀ ପରିବାରର ଜଞ୍ଜାଳ ଭିତରେ ରହି ସମାଜରେ ପ୍ରତିଦିନ ଘଟୁଥିବା ଘଟଣାକୁ କବିତା ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରି ରଚନା କରିଥିବା ଏହି ପୁସ୍ତକ ଆଗକୁ ଯିବା ପାଇଁ ବାଟ ଦେଖାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷକ ରମାକାନ୍ତ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମଦନ ମୋହନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନାରାୟଣ ଚନ୍ଦ୍ର ଲେଙ୍କା ଅତିଥି ପରିଚୟ ଦେଇଥିଲେ। ସୁଦର୍ଶନ ଦାସ, ବିଜୟ ଘଡ଼େଇ, ଅପର୍ତ୍ତି ଦାସ, ଶ୍ରୀଧର ବେହେରା, ଭାଗବତ ଘଡ଼େଇ, ସୁବାସ ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରାଦ୍ଧ ଦିବସରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି


ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ବାଲେଶ୍ୱର ଅଫିସ,୧୭।୪**

ବାଲେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ନଦୀ ତୁଠରେ ତିଳତର୍ପଣ,ସହରରେ ଥିବା ସମସ୍ତ ବିଜୁ ପଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଦୀପ ଦାନ, ଗରିବଙ୍କୁ ଅନ୍ନବସ୍ତ୍ର ପ୍ରଦାନ, ଜୀବନ ରକ୍ଷା ପାଇଁ ଅଙ୍ଗ ଦାନ ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବାଲେଶ୍ୱର ସହରର ବାଲିଘାଟଠାରେ ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରବିବାର ପୂର୍ବାହ୍ନରେ ତିଳତର୍ପଣ କରାଯାଇଥିଲା। ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଅଞ୍ଚଳର ପରିବର୍ତ୍ତନ କରିବା ବୋଲି ପ୍ରାକ୍ତନ ଏମ୍ ପି ଇଂ.ରବୀନ୍ଦ୍ର ଜେନା ଆହ୍ୱାନ ଦେଇଥିଲେ। ଜିଲାର ବରିଷ୍ଠ ବିଜେଡି ନେତା ଓ କର୍ମୀ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମ୍ୟୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁଙ୍କ ସହ କାଉନସିଲର ଏବଂ ବହୁ ନେତା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା ଯୋଗଦେଇଥିଲେ।

**ବାସୁଦେବପୁର,(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବିଜେଡି ପକ୍ଷରୁ ରବିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଥାନା ପଛପାଖ ପୋଖରୀ ଘାଟରେ ତିଳତର୍ପଣ ସହ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଟାଉନ ହଲ୍‌ରେ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ନବ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଶ୍ରେଷ୍ଠ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ ଦାସ, ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ଜିଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଝରଣା ମଲିକ, ନଗର ସଭାନେତ୍ରୀ ଜୟନ୍ତୀ ବାରିକ, ଜିଲା ମହିଳା ମୋର୍ଚ୍ଚା ଉପସଭାପତି ରଶ୍ମିତା ନାୟକ, ଯୁବ ବିଜେଡି ବ୍ଲକ ସଭାପତି ଜଗବନ୍ଧୁ ଖିଲାର, ନଗର ସଭାପତି ମାନସ ସାହୁ ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ।


ବାରିପଦା: ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

**ବାରିପଦା ଅଫିସ**

ମୟୂରଭଞ୍ଜ ବିଜେଡି ପକ୍ଷରୁ ରବିବାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଯାଇ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସାହସିକତା, ଦକ୍ଷ ରାଜନେତା, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ପାଇଁ ବିଜୁବାବୁ ସାରା ଭାରତବର୍ଷରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମତପ୍ରକାଶ ପାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୌର ଉପାଧ୍ୟକ୍ଷା ସୀମା ଦାସ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟ ସମ୍ପାଦକ ଡା. ଦେବାଶିଷ ମାରାଣ୍ଡି, ରାଜ୍ୟ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ ମହାପାତ୍ର, ଅମର ସେଠୀ, କୃଷ୍ଣଚନ୍ଦ୍ର ଦାସ, ଶ୍ରବଣ ଗୋପ, ପ୍ରଭାତ ନାୟକ, ଅରୁଣ ବରାଡ଼, ସୁନୀଲ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଦେବୀଦତ୍ତ ଦାସ, ସମ୍ପା ମଜୁନଦାର, ଶ୍ରାବଣୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଜନସାଧାରଣ ସରକାରୀ କାର୍ଯ୍ୟାଳୟକୁ ନ ଯାଇ ନିଜ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ସେବା ପାଇପାରିବେ ବୋଲି ଏହି ଅବସରରେ କୁହାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ୮୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

# ପୁରୁଣା ପେନ୍‌ସନ ଘୋଷଣା ଦାବି


ବୈଠକରେ ଯୋଗ ଦେଇଥିବା ଶିକ୍ଷକ ସଂଘର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ,୧୭।୪**

ବାଲେଶ୍ୱର ଏଡିଏମ୍ ଛକ ସ୍ଥିତ ପବ୍ଲିକ ହାଇସ୍କୁଲ ପରିସରରେ ଶିକ୍ଷକମାନେ ମିଳିତ ହୋଇ ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ଦାବିରେ ରବିବାର ଏକ ପ୍ରତିବାଦ ସଭା କରିଛନ୍ତି। ଆବାହକ ଖଗେନ୍ଦ୍ର ନାଥ ପାଳ ସଭା ପରିଚାଳନା କରିଥିଲେ। ୨୦୦୪ରୁ କେନ୍ଦ୍ର ସରକାର ପୁରୁଣା ପେନସନ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ନୂତନ ପେନସନ ବ୍ୟବସ୍ଥା ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ଅନୁସରଣ କରି ରାଜ୍ୟ ସରକାର ୨୦୦୪ ଓ କିଛି ରାଜ୍ୟ ୨୦୦୫ରୁ ପୂର୍ବ ପ୍ରଚଳିତ ପେନସନ ବ୍ୟବସ୍ଥାକୁ ବାତିଲ କରି ଏକ ନୂଆ ପେନସନ ବ୍ୟବସ୍ଥା ପ୍ରଚଳିତ କରିଛନ୍ତି। ଏହି ନୂଆ ପେନସନ ବ୍ୟବସ୍ଥାରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ୧୦ ରୁ ୧୫ ବର୍ଷ ଚାକିରି କରି ଅବସର ନେବା ପରେ ମାସକୁ ମାତ୍ର ୧୫୦୦ ରୁ ୨୦୦୦ ଟଙ୍କା ମଧ୍ୟରେ ଏକ ସ୍ଥାୟୀ ପେନସନ ପାଉଛନ୍ତି। ଯାହା ଫଳରେ ପରିବାର ଚଳାଇବା କଷ୍ଟକର ହେଉଛି ବୋଲି କହିଛନ୍ତି।

ସଙ୍ଗଠନର ଅନ୍ୟତମ ସଦସ୍ୟ ଡ. ସନ୍ଦୀପ କୁମାର ଖଟୁଆ, ଧର୍ମେଶ କୁମାର ଶତପଥୀ, କୃଷ୍ଣ ମୋହନ ପ୍ରମୁଖ ଉପସ୍ଥିତ ରହି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରିଥିଲେ। ବୈଠକରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଶାଶ୍ୱତ ମହାପାତ୍ର, ସୁରେଶ ଚନ୍ଦ୍ର ଗିରି,

**ରାଜ୍ୟବ୍ୟାପୀ ଶିକ୍ଷକ ଆନ୍ଦୋଳନ ଚେତାବନୀ**

ସୌରଭ କୁମାର ନାୟକ, ଅରୁଣ କୁମାର ପ୍ରଧାନ, ପୂର୍ଣ୍ଣେନ୍ଦୁ ଦାସ, ଉମାକାନ୍ତ ବେହେରା, ଦିଲ୍ଲୀପ କୁମାର ବେହେରା, ପ୍ରକାଶ ଚନ୍ଦ୍ର ନାୟକ, ଚିନ୍ମୟ କୁମାର ନନ୍ଦ, ନିତାଇ ଚରଣ ରାଉଳ, ମୀନାକ୍ଷୀ ଭୂୟାଁ, ଗଙ୍ଗା ନାରାୟଣ ପାଢ଼ୀ, ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ପାତର ଅନ୍ତର ଓ କର୍ମଚାରୀମାରଣ ନୀତିକୁ ସମାଲୋଚନା କରିବା ପୂର୍ବକ ସେମାନଙ୍କର ଭବିଷ୍ୟତ ଜୀବନ ଅସୁରକ୍ଷିତ ଓ ଅନ୍ଧକାରମୟ ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ଓଡ଼ିଶା ସରକାର ଯଥାଶୀଘ୍ର ରାଜ୍ୟରେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ତୀବ୍ର ଓ ବ୍ୟାପକ କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପିକ୍‌ଅପ୍‌କୁ ଧକ୍କା ଦେଲା ରେଳ ମେଣ୍ଟେନାନ୍ସ ଇଞ୍ଜିନ




**ଯୋଡ଼ା,୧୭।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦ। ଫାଟକ ବିହୀନ ରେଳ ଲେଭେଲ କ୍ରସିଂଠାରେ ସନ୍ଧ୍ୟାରେ ରେଳ ମେଣ୍ଟେନାନ୍ସ ଇଞ୍ଜିନ ଏକ ପିକ୍‌ଅପ୍‌କୁ ଧକ୍କା ଦେବାରୁ ପିକ୍‌ଅପ୍ ଭ୍ୟାନ ଭାଙ୍ଗି ଚୁର୍ମାର ହୋଇଯାଇଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ପିକ୍‌ଅପ୍ ଭ୍ୟାନ ଲେଭଲ କ୍ରସିଂ ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ତାର ଚକ ଫଶି ଯାଇଥିଲା। ଏହି ସମୟରେ ମେଣ୍ଟେନାନ୍ସ ଇଞ୍ଜିନ ଭ୍ୟାନକୁ ଧକ୍କା ଦେଇଥିଲା।

## ସଂକ୍ଷେପରେ

### କଣ୍ଟେନର୍-ବାଇକ୍ ମୁହାଁମୁହିଁ, ୨ ମୃତ

କେନ୍ଦୁଝର ,୧୭।୪(ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଝାଡବେଲଦା ଗ୍ରାମ ନିକଟରେ ଏକ ବାଇକ ସହ କଣ୍ଟେନର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ଭରତ ସିଂ ଓ ଲୋକନାଥ ସିଂ। ଦୁଇ ଜଣ ମିଶି ଏକ ବାଇକ୍‌ରେ ଯାଉଥିବା ବେଳେ ଏକ କଣ୍ଟେନର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ। ଏହି ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ପ୍ରତିବାଦ କରିବାରୁ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ମହିଳାଙ୍କ ମୃତଦେହ ଜବତ

ସୋର,୧୭।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ପୌରପରିଷଦ ଅଧୀନ ୨ନଂ. ୱାର୍ଡ଼ ଖରିଦା ଗ୍ରାମର ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ବାହାନଗା ବ୍ଲକ୍ କେଶପୁର ଗ୍ରାମର ବିଦ୍ୟାଧର ମହାପାତ୍ରଙ୍କ ଝିଅ ଅନିତା। ସୂଚନା ଅନୁସାରେ, ସୋର ପୌରପାଳିକା ରାଇପୁର ଅଞ୍ଚଳର ହେମନ୍ତ ମହାନ୍ତିଙ୍କୁ ସେ ଗତ ୯ ମାସ ହେବ ବୈଦିକ ରୀତିରେ ବିବାହ କରିଥିଲେ। ହେମନ୍ତ ବିଦେଶରେ ରହୁଥିବା ବେଳେ ଅନିତା ନିଜ ଶାଶୁଙ୍କ ସହିତ ଖରିଦା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ରବିବାର ସକାଳୁ ତାଙ୍କ ମୃତଦେହ ଶୋଇବା ଘର ପଙ୍ଖାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବୈତରଣୀରୁ ଯୁବକ ଉଦ୍ଧାର

ଚାନ୍ଦବାଲି, ୧୭।୪ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ବୈତରଣୀ ନଦୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଯୁବକ ସ୍ଥାନୀୟ ଅରଣ୍ୟ ନିବାସ ପାଖରେ ନଦୀକୁ ଡେଇଁ ପଡ଼ିଥିଲେ। ପାଣି ସୁଅରେ ଭାସି ଆସି ବଡ଼ବଜାର ପାଖରେ ଲାଗିଥିଲେ। ବହୁ ଦେଖଣାହାରୀ ଥିଲେ ମଧ ନଦୀରେ ଗଭୀର ପାଣି ଏବଂ ଏବେ ଜୁଆର ସମୟକୁ କୁମ୍ଭୀର ଭୟରେ ଯୁବକଙ୍କୁ ଉଦ୍ଧାର କରିବାକୁ କେହି ସାହସ କରି ନ ଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ଦମକଳ ବାହିନୀ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀର ୬ଜଣିଆ ଟିମ୍ କେତେଜଣ ଯୁବକଙ୍କ ସାହାଯ୍ୟରେ ଏକ ଡଙ୍ଗା ନେଇ ଯୁବକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚାନ୍ଦବାଲି ଡାକ୍ତରଖାନାକୁ ନିଆଯାଇଥିଲା। ଯୁବକଙ୍କ ଘର ସ୍ଥାନୀୟ ନୂଆଗାଁରେ ବୋଲି ଜଣାପଡ଼ିଛି।

# ସହରରେ କୁଳିଆରି ଶାଗର ପସରା

କେନ୍ଦୁଝର, ୧୭।୪ (ସ୍ୱ.ପ୍ର.)

ଖରା ଦିନରେ ପତ୍ରଛଡା ପରେ ନୂଆପତ୍ର କଅଁଳିଥାଏ । ସେପରି କୁଳିଆରି ଗଛରେ ମଧ ଏହି ସମୟରେ ପତ୍ର କଅଁଳିଥାଏ । ଏହି କଅଁଳିଆ ପତ୍ରକୁ ଶାଗ ଭାବରେ ସମସ୍ତେ ଖାଇଥାନ୍ତି । ବଣପାହାଡ଼ରେ ପ୍ରାକୃତିକ ପରିବେଶରେ କୁଳିଆରି ଗଛ ଉଠିଥାଏ। ଏହି ଦିନରେ ବନବାସୀ ମାନେ ବଣଜଙ୍ଗଲ ବୁଲି ଗଛ ଚଢି ଏହି କଅଁଳିଆ ପତ୍ର ତୋଳିଥାନ୍ତି। ଏହି ସଂଗୃହୀତ ପତ୍ରକୁ ଶାଗ ଭାବରେ ନିଜେ ଖାଇବା ସହ ହାଟବଜାରରେ ବିକ୍ରି କରିଥାନ୍ତି। ଏହି ଦିନରେ ଏହି ଶାଗର ସ୍ୱାଦ ବହୁତ ଭଲ। ଏଣୁ ପ୍ରାୟ ଗାଁ ଠୁ ସହର ଅନେକଙ୍କ ଘରେ କୁଳିଆରି ଶାଗ ପ୍ରସ୍ତୁତ ହୋଇଥାଏ। ସହରାଞ୍ଚଳରେ ଏହାର ଚାହିଦା ଅଧିକ ଥିବାରୁ ବନବାସୀ ମାନେ ବଣପାହାଡ ତଥା ବାଡିବଗିଚାରୁ କୁଳିଆରି ପତ୍ର ତୋଳି ହାଟବଜାରରେ ବିକିଥାନ୍ତି। ଏହି ଭାଗ ୨୦ ଟଙ୍କାରେ ବିକିଥାନ୍ତି । ପ୍ରାକୃତିକ ପରିବେଶରେ ବଢୁଥିବାରୁ ସ୍ୱାସ୍ଥ୍ୟପକ୍ଷେ ଏହା ବେଶ୍ ହିତକର। ଏଣୁ ସମସ୍ତେ ଏହାକୁ ଖାଇବାକୁ ପସନ୍ଦ କରିଥାନ୍ତି ବୋଲି ପରିବେଶବିତ ଡ. ବିଦ୍ୟାଧର ବେହେରା କୁହନ୍ତି। ବିନା ଖର୍ଚ୍ଚରେ ଏଥିରୁ ବନବାସୀ ମାନେ ଭଲ କରି ଦୁଇ



ପଇସା ରୋଜଗାର କରିଥାନ୍ତି। ଏହାମଧ ପରିବେଶର ସନ୍ତୁଳନ ରକ୍ଷା କରିଥାଏ। ପିଲାଠୁ ବଡ ସମସ୍ତେ ଏହାକୁ ଖାଇବାକୁ ଭଲ ପାଆନ୍ତି। ଖରା ଦିନରେ ପଖାଳ ସାଙ୍ଗକୁ କୁଳିଆରି ଶାଗର ସ୍ୱାଦ ସମସ୍ତେ ଉଠାଇଥାନ୍ତି। ଏପରିକି ହୋଟେଲ ମାନଙ୍କ ମଧ୍ୟରେ ଖାଇବା ଥାଳିରେ କୁଳିଆରି ଶାଗ ପରଶାଯାଇଥାଏ । ଉକ୍ତ ଶାଗ ବନବାସୀଙ୍କୁ ଏହି ଋତୁରେ ଜିବିକା ଦେଇଆସୁଛି ଏଣୁ ବିଭିନ୍ନ କାରଣରୁ ଜଙ୍ଗଲ କ୍ଷୟ ହେଉଥିବାରୁ ଏହି ଗଛ ସବୁ ନଷ୍ଟ ହୋଇଯାଉଛି। ଏହାର ସୁରକ୍ଷା କରିବା ଜରୁରୀ ବୋଲି ମତପ୍ରକାଶ ପାଉଛି।

# ଲକ୍ଷାଧିକ ଟଙ୍କାର ମାଛ ମରି ଭାସିଲେ



ପୋଖରୀରେ ମରି ଭାସୁଥିବା ମାଛ।

ସୋର,୧୭।୪(ଡି.ଏନ.ଏ)

ପଞ୍ଚାୟତ ନିର୍ବାଚନକୁ ୨ ମାସ ବିତିଯାଇଥିଲେ ସୁଦ୍ଧା ଗାଁ ଗଣ୍ଡାରେ ଲାଗି ରହିଥିବା ବିବାଦ ଥମି ନାହିଁ। ନିର୍ବାଚନରେ ପ୍ରାର୍ଥୀ ହେବାକୁ କେନ୍ଦ୍ରକରି ଜଣେ ମହିଳାଙ୍କ ଉପରେ ରାଗ ରଖି ତାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଲିଜ୍‌ରେ ନେଇଥିବା ଏକ ପୋଖରୀରେ ବିରୋଧୀମାନେ ବିଷ ପ୍ରୟୋଗ କରିଥିବା ଯୋଗୁ ଲକ୍ଷାଧିକ ଟଙ୍କାର ମାଛ ମରି ଯାଇଥିବା ଅଭିଯୋଗ ହୋଇଛି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ସୋର ବ୍ଲକ ଜଡିଦା ଗ୍ରାମରେ। ଏହି ଗ୍ରାମର ପଞ୍ଚାୟତର ଉମାସାଗର ପୋଖରୀକୁ ଜଡିଦା ପଞ୍ଚାୟତ ପାଟୁଳିଦା ଗ୍ରାମର ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଲିଜ ସୂତ୍ରରେ ନେଇଥିଲେ। ରବିବାର ଭୋର ସମୟରେ ଏହି ପୋଖରୀରେ ହଜାର ହଜାର ସଂଖ୍ୟାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା।

### ପୋଖରୀରେ ବିଷ

ପୋଖରୀଟିକୁ ୩ ବର୍ଷ ପାଇଁ ଲିଜ ସୂତ୍ରରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ନେଇଥିବା ବେଳେ ଗତବର୍ଷ ୩ କୁଇଣ୍ଟାଲ ଯାଆଁଳ ଛାଡିଥିଲେ। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ହେବ। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ଏହି ଗୋଷ୍ଠୀର ସଭାନେତ୍ରୀ ସୁକାନ୍ତି ରାଉତ ୱାର୍ଡ ମେମ୍ବର ଭାବେ ନିର୍ବାଚନ ଲଢୁଥିଲେ। ଏହି ସମୟରେ ତାଙ୍କୁ ବିରୋଧୀ ପକ୍ଷ ତରଫରୁ ପ୍ରତ୍ୟାହାର କରିବା ପାଇଁ ବାଧ କରାଯିବା ସହିତ ନଚେତ ପୋଖରୀରେ ମାଛ ଧରି ପାରିବନାହିଁ ବୋଲି ଧମକ ଦେଇଥିଲେ। ମାତ୍ର ସୁକାନ୍ତି ଏ କଥାକୁ ଏଡାଇ ଦେଇ ନିର୍ବାଚନ ଲଢ଼ି ହାରି ଯାଇଥିଲେ। ଏହି ଘଟଣାକୁ ନେଇ ବିରୋଧୀ ପକ୍ଷ ଆକ୍ରୋଶମୂଳକ ଭାବେ ପୋଖରୀରେ ବିଷ ପ୍ରୟୋଗ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୋର ଥାନାରେ ଅଭିଯୋଗ କରାଯାଇଛି।

# ଡ୍ରେନ୍ ନିର୍ମାଣରେ ଖର୍ଚ୍ଚ ହେବ ୧କୋଟି

ଖଇରା,୧୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର-କୁପାରୀ ରାଜ୍ୟରାଜ୍ୟପଥର ମହତୀପୁର ନିକଟରେ ବିପର୍ଯ୍ୟସ୍ତ ଡ୍ରେନ ବ୍ୟବସ୍ଥାକୁ ନେଇ ମହତୀପୁର ପଞ୍ଚାୟତବାସୀ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ପୂର୍ତ୍ତ ବିଭାଗ ନିକଟରେ ବହୁଦିନରୁ ଦାବି କରି ଆସୁଥିଲେ। ପଞ୍ଚାତବାସୀଙ୍କ ଦୁର୍ଦ୍ଦଶା ଉପଲବ୍ଧି କରି ମନ୍ତ୍ରୀ ରାସ୍ତାର

### ମହତୀପୁର ପଞ୍ଚାୟତବାସୀଙ୍କ ଦାବି ପୂରଣ ହେଲା

ଦକ୍ଷିଣପାର୍ଶ୍ୱ ଡ୍ରେନ ନିର୍ମାଣ ପାଇଁ ଉଦ୍ୟମ କରିବା ପରେ ଏଥିପାଇଁ ୧କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ରବିବାର ମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ସ୍ଥାନୀୟ ଗ୍ରାମଗୁଡ଼ିକର ଅଧିବାସୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି । ୧ବର୍ଷ ମଧ୍ୟରେ୧କି.ମି ଲମ୍ବ ଡ୍ରେନର ନିର୍ମାଣ ଶେଷ ହେବା ପରେ ଲୋକମାନଙ୍କର ଜଳ ନିଷ୍କାସନ ସମସ୍ୟାରେ ସୁଧାର ଆସିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନରେଶ ସିଂ,ସରପଞ୍ଚ ଆରତି ମହାନ୍ତି, ସମିତିସଭ୍ୟା ଭାନୁପ୍ରିୟା ସାହୁ, ଯୁବ ସଭାପତି ଶୁକଦେବ ପଣ୍ଡା, ଯୁବନେତା ରାମଚନ୍ଦ୍ର ବିଶ୍ୱାଳ, ରମାକାନ୍ତ ମହାରଣା, ସଞ୍ଜୟ କୁମାର ବେହେରା, ସୁପରଭାଇଜର ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ପୂର୍ତ୍ତବିଭାଗ ଅଧିକାରୀମାନେ ଡ୍ରେନେଜ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

# ନିଆଁ ଲାଗି ୨ ଏକର ଜଙ୍ଗଲ ଜଳିଗଲା

ସୋର,୧୭।୪(ଡି.ଏନ୍.ଏ)

ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ସରଳିଆ ନିକଟବର୍ତ୍ତୀ କୁଲଡିହା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଦେବଗିରି ପାଦଦେଶ ଜଙ୍ଗଲରେ ରବିବାର ନିଆଁ ଲାଗିଯାଇଥିଲା। ଏହା ଫଳରେ ୨ ଏକର ପରିମିତ ଜଙ୍ଗଲର ବିଭିନ୍ନ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଜଙ୍ଗଲ ସୁରକ୍ଷା କମିଟି କୋଷାଧ୍ୟକ୍ଷ ସାଗର ସିଂ, କମିଟି ଜଙ୍ଗଲ ଜଗୁଆଳି ଶ୍ରୀକାନ୍ତ ହେମ୍ବ୍ରମ, ବନ ବିଭାଗ କର୍ମଚାରୀ ଦେବେନ୍ଦ୍ର ରାଉତ, ନିଆଁ ଲିଭାଳି ବସନ୍ତ ସେଠୀ ମେଶିନ ସହାୟତାରେ ଦୀର୍ଘ ସମୟ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ଗୋଟିଏ ସପ୍ତାହ ଭିତରେ ଏହା ତୃତୀୟଥର ଅଗ୍ନିକାଣ୍ଡ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପୁରୁଣା ବାରିପଦାରେ ଉଡ଼ାଯାତ୍ରା

କୁଆମରା, ୧୭।୪ (ଡି.ଏନ.ଏ.)

ଚୈତ୍ର ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ଭଳି ଗୋପବନ୍ଧୁ ନଗର ବ୍ଲକର ପୁରୁଣା ବାରିପଦାଠାରେ ଉଡା ଯାତ୍ରା ଅନୁଷ୍ଠିତ ହୋଇଛି। ବାସୁଳୀଙ୍କ ପୀଠରେ ଏହାର ତିନି ଦିନ ପୂର୍ବରୁ କଣ୍ଟାପାଟ, ନିଆଁପାଟ ଓ ଝୁଲାପାଟ ଭଳି କାର୍ଯ୍ୟ ଭକ୍ତମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏଥିରେ ମୋଟ ୧୨ ଜଣ ଭକ୍ତ ଥିବା ବେଳେ ମୁଖ୍ୟଭକ୍ତା ଭାବେ ଚୈତନ୍ୟ ଜେନା, ଶଶୀଧର ଦେହୁରୀ, ଜଟାଧାରୀ ଦେହୁରୀ ପ୍ରମୁଖ ଉଡ଼ା କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି କୁଳମଣି ଚୌଧୁରୀ, ସମ୍ପାଦକ ସୁଶାନ୍ତ ମଳିକଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'କବିବର ଥିଲେ ଓଡ଼ିଆ ସାହିତ୍ୟରେ ଜାତୀୟତାବାଦର ପ୍ରଥମ ପ୍ରବର୍ତ୍ତକ'

ବାଲେଶ୍ୱର ଅଫିସ,୧୭।୪

ବାଲେଶ୍ୱର ବଟେଶ୍ୱର ଅଞ୍ଚଳସ୍ଥିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ 'ରାଧାନାଥ ସାହିତ୍ୟ ପରିଷଦ, ବାଲେଶ୍ୱର'ପକ୍ଷରୁ କବିବରରାଧାନାଥ ରାୟଙ୍କ ୧୧୪ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ଆୟୋଜିତ ଉତ୍ସବରେ ସୁବାସିନୀ ଜେନା ସଭାପତିତ୍ୱ କରିଥିଲେ। ଯୁଗ-ସମ୍ପାଦକ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ଦେବା ସହ କବିବରଙ୍କ କର୍ମଭୂମୀ ଉପରେ ଗଠିତ ପରିଷଦର ମହତ୍ତ୍ୱ ବର୍ଣ୍ଣନା କରିଥିଲେ । ସୁଶ୍ରୀ ଅରୁଣା ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କବିବରଙ୍କ ବିଚକ୍ଷଣ ପ୍ରତିଭା ଓ ନମ୍ରତା ଗୁଣର ବର୍ଣ୍ଣନା ସହ ଫକୀରମୋହନ, ଗଙ୍ଗାଧର ଓ ମାନସିଂହଙ୍କ କବିତାରେ ତାଙ୍କର ପ୍ରଶଂସା

### ୧୧୪ତମ ଶ୍ରାଦ୍ଧୋତ୍ସବ

କିପରି କବିତାରେ ପ୍ରତିଫଳିତ ତାହାର ଉଦାହରଣ ଦେଇଥିଲେ । ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର ରାଧାନାଥଙ୍କୁ ପ୍ରଥମ ଜାତୀୟତାବଦୀ କବି ଭାବେ ଆଖ୍ୟା ଦେଇ ତାଙ୍କ ଲେଖାର ସକରାତ୍ମକ ଦିଗ ଉପରେ ଗବେଷଣାକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଶିଷ୍ଟ ବକ୍ତା ଡ.ମନ୍ମଥ କୁମାର ପ୍ରଧାନ ଭାରତବର୍ଷରେ ଖାତି ଅର୍ଜନ କରିଥିବା ବାଲେଶ୍ୱରର ବହୁ ସୁପତ୍ରଙ୍କ ପାଣ୍ଡିତ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅଧାପକ କମଳାକାନ୍ତ ଦାଶ ପରିଷଦର ଉନ୍ନତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଇଂ. ହୃଷିକେଶ ସାହୁ ଧନ୍ୟବଦ ଅର୍ପଣ କରିଥିଲେ।

# ବୃନ୍ଦାବତୀ ବିହାରରେ ଚଇତିପର୍ବ

ବାଲେଶ୍ୱର ଅଫିସ,୧୭।୪

ବାଲେଶ୍ୱର ବାଲିଆ ସ୍ଥିତ ବୃନ୍ଦାବତୀ ବିହାର ବିକାଶ ପରିଷଦ ପକ୍ଷରୁ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଓ ଚଇତି ପର୍ବପାଳନ ଅବସରରେ ପରିଷଦର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ମନ୍ଦିରରେ ଚଇତି ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧାହ୍ନରେ ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ପରିଷଦର ଚତୁର୍ଦ୍ଦଶ ସାଧାରଣ ସଭାରେ ଉପେନ୍ଦ୍ରନାଥ ପାତ୍ର ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଓ ବକ୍ତାଭାବେ ବରିଷ୍ଠ ଆଇନଜୀବୀ ରଘୁନ ।ଥ ପ୍ରଧାନ ଓ ଇଂ. ଧରଣୀଧର ମିଶ୍ର ଯୋଗଦେଇ ସ୍ଥାନୀୟ ଅଧିବାସୀମାନଙ୍କ ଏକତା ଓ ଭାଇଚାରାକୁ ଉଚ୍ଚପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁ କଳାକାରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆନନ୍ଦ କୁମାର ଗିରି ପରିଚାଳନା କରିଥିଲେ। ମାନସ କୁମାର ଜେନା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରି ସ୍ୱାଗତ ଅଭିଭାଷଣ ଦେଇଥିଲେ। ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ ଓ ଗୀତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ କାଞ୍ଚନବାଳା ପାତ୍ର, ସୁମନ୍ତ ଦାସ, ନିହାର ଦାସ ମହାପାତ୍ର, ଗିରିଜା ଶଙ୍କର ଆଚାର୍ଯ୍ୟ, ମୁରଲୀଧର ବାରିକ, କୃଷ୍ଣପ୍ରସାଦ ଜେନା, କବିତା ମହାନ୍ତି, ସ୍ୱପ୍ନା ଦାସ, ଝରଣା ବଗର୍ତ୍ତୀ ଓ ମମତା ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ। ବିଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପରିବର୍ତ୍ତିତ ଜଳବାୟୁରେ ଉନ୍ନତମାନର ଚାଷ ଉପରେ ଗୁରୁତ୍ୱ

ଧାମନଗର, ୧୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ କୃଷି ବିଭାଗ ଏବଂ ଓପିକ୍ରାର ମିଳିତ ସହଯୋଗରରେ କୃଷି ବିଭାଗ ସଭାଗୃହରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାରୀ ମିଶ୍ର, ଭଣ୍ଡାରିପୋଖରୀ ଗୋଷ୍ଠୀ କୃଷି ଅଧିକାରୀ ରାଧାରମଣ ମହାନ୍ତି, ଓପିକ୍ରାର ସହଯୋଗୀ ଅଧିକାରୀ ପର୍ଶୁରାମ ସାହୁ ଏବଂ ରୂପେଶ ମହାନ୍ତି ଯୋଗ ଦେଇଥିଲେ। ପରିବର୍ତ୍ତିତ ଜଳବାୟୁରେ ଉନ୍ନତମାନର ଚାଷ କିପରି ହୋଇପାରିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ମୁଗ, ବିରି, ଛତୁ, ବାଦାମ ଓ ମକା ଚାଷ କରି ଚାଷୀ କିପରି ଲାଭବାନ ହୋଇପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ଧାମନଗର ଓ ଦୋବଲ ଅଞ୍ଚଳର ଚାଷୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ କୃଷି କର୍ମଚାରୀ ମାନସ ବେହରା, ପ୍ରଶାନ୍ତ କୁମାର ପଣ୍ଡା, ମାନସ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଫେଇ



ମେଡିକାଲ କର୍ମଚାରୀଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କରାଯାଉଛି।

ଖଇରା, ୧୭।୪(ଡି.ଏନ.ଏ.)

୧ରୁ ୧୫ପର୍ଯ୍ୟନ୍ତ ସ୍ୱଛତା ପକ୍ଷ ପାଳନ ଅବସରରେ ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କ ପୌରୋହିତ୍ୟରେ ବିପିଏମ୍ ସୂର୍ଯ୍ୟକାନ୍ତ ବାରିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ପଣ୍ଡା, ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ଫାର୍ମାସିଷ୍ଟ ଜୀବନକୃଷ୍ଣ ଦାସ, ମନୋଜ ରଣା, ପ୍ରସନ୍ନଜିତ ସାମଲ ପ୍ରମୁଖ ମେଡିକାଲ ଚତୁଃପାର୍ଶ୍ୱରେ ପଡିଥିବା ଆବର୍ଜନାକୁ ସଫାସୁତୁରା କରିବା ସହ ରୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।

# କୋଣାଦିତ୍ୟର ଉପାସନା ଖିଆଲି ପରମ୍ପରା ନୁହେଁ




ଡ. ସୁରେନ୍ଦ୍ର କୁମାର ମିଶ୍ର

- ପରମ୍ପରାର ବିକାଶ ପାଇଁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂହଦେବ
- ଗଡ଼ର ମହାସାମନ୍ତମାନେ ଥିଲେ ଆମ ଜାତିର ବିଶ୍ୱାସ ପୁରୁଷ

ପୂର୍ବ ଆଲେଖ୍ୟରୁ ଆମେ ଜାଣିଲେ କୋଣାର୍କକୁ ୨୪ଥର ପଥର ଆସିଥିଲା। ସମସ୍ତ ପଥର ଓଡ଼ିଶାର ପାହାଡ଼/ପର୍ବତରୁ ଆସିଥିଲା। ସେଥିପାଇଁ ସେଗୁଡ଼ିକର ଅବସ୍ଥିତି ଆମେ ଆଲୋଚନା କରିଥିଲୁ। ପଥର ବାଛିବାଠାରୁ ପଥର ଆଣି କୋଣାର୍କରେ ପହଞ୍ଚାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଓଡ଼ିଶାର ଅଭିଜ୍ଞ ଶିଳ୍ପୀ କରିଥିଲେ। ସେମାନଙ୍କୁ ସହଯୋଗ କରିଥିବା ରାଜା /ମହାରାଜା/ଗଡ଼ନାୟକ/ଖଣ୍ଡପାଳ/ଦଳବେହେରା/ଗଡ଼ ସାମନ୍ତମାନଙ୍କ ଅବଦାନ ମଧ ପ୍ରସଙ୍ଗକ୍ରମେ ଉପସ୍ଥାପନ କରାଯାଇଥିଲା। ଉଲ୍ଲେଖ କରିବାର ଆଭିମୁଖ୍ୟ ଆମର ସ୍ପଷ୍ଟ। ଯେଉଁମାନେ ଶ୍ରୀପଦ୍ମକେଶର ମନ୍ଦିର ଏବଂ କୋଣାର୍କ ଉପରେ ବଡ଼ ବଡ଼ ଗ୍ରନ୍ଥ/ପୁସ୍ତକ ଲେଖି ପ୍ରମାଣିତ କରିବାକୁ ଚାହିଁଥିଲେ ଓଡ଼ିଆମାନେ ଏହି ମନ୍ଦିର ନିର୍ମାଣ କରିନାହାନ୍ତି। ସେମାନଙ୍କ ବର୍ଣ୍ଣନା ଓ ମତକୁ ନିରାଧାର କରିବା। ଏକ ଭୁଲ୍ ଐତିହ୍ୟ ଆମ ଉପରେ ଲଦି ଦିଆଯାଇଥିଲା।

ପଦ୍ମତୋଳାଗଣ୍ଡରେ ପଥର ପହଞ୍ଚିବା ପରେ ତା'ର ହିସାବ ଓ ରକ୍ଷଣାବେକ୍ଷଣ କଥା ଆମେ ଆଲୋଚନା କରିଥିଲେ। ନିର୍ମାଣ କେମିତି ଆଗେଇଲା, କେଉଁମାନେ ଘରଦ୍ୱାର ପିଲାସଂସାରକୁ ଛାଡ଼ି ମାସ ମାସ ଧରି କୋଣାର୍କରେ ଅବସ୍ଥାନ କରି ଜାତିର ଗୌରବକୁ ପ୍ରତିଷ୍ଠା କରିଦେଇଗଲେ ତାଙ୍କ ବିଷୟରେ ଜାଣିବା ଓ ଅନ୍ୟକୁ ଜଣେଇବା।

ଅନେକ ପୁସ୍ତକରେ ଲେଖିବାକୁ ଲେଖକମାନେ ଭୁଲିଲେ ନାହିଁ ଯେ ତୀର୍ଥରେ ସ୍ନାନ କରି ଶ୍ରୀମହାଭାସ୍କରଙ୍କୁ ଦର୍ଶନ କରିବାର ଏକ ଖିଆଲି ପରମ୍ପରାକୁ ନେଇ ଏତେ ଧନ ଦରବ ଖର୍ଚ୍ଚ କରିବା କ'ଣ ଆବଶ୍ୟକ ଥିଲା। ସେମାନେ ବୁଝିନାହାନ୍ତି ସନତନୀୟ ସ୍ନାନ ପରମ୍ପରାର ରହସ୍ୟ। ଆମେ ଜାଣେ ଆମ ପରମ୍ପରାରେ ସ୍ନାନ ସାତ ପ୍ରକାର।

୧- ମନ୍ତ୍ର ସ୍ନାନ, ୨-ପାର୍ଥିବ ସ୍ନାନ (ମାଟି ଚୂର୍ଣ୍ଣ ବୋଳିହୋଇ ସ୍ନାନ କରିବା), ୩- ଆଗ୍ନେୟ ସ୍ନାନ (ପାଉଁଶ/ଭସ୍ମ ବୋଳି ହୋଇ ଏବଂ ସୂର୍ଯ୍ୟକିରଣରେ ସ୍ନାନ କରିବା)।

୪- ବାୟବ୍ୟ ସ୍ନାନ: ଗୋରୁ ଗଲାବେଳେ ତାଙ୍କ ଖୁରା ବାଜି ଯେଉଁ ଧୂଳି ବା ରଜ ସୃଷ୍ଟି ହୁଏ ତାହା ଖୋଲା ଦେହକୁ ପବନ ସହ ବାଜିଲେ ବୟବ୍ୟ ସ୍ନାନ ହୁଏ।

୫- ଦିବ୍ୟ ସ୍ନାନ: ଖରା ପଡ଼ିଥିବ/ବର୍ଷା ବି ଝିପି ଝିପି ହେଉଥିବ, ଠିକ୍ ସେଇ ସମୟରେ ତୀର୍ଥରେ ଯେଉଁ ସ୍ନାନ କରାଯାଏ।

୬- ବାରୁଣି ସ୍ନାନ: ମହୋଦଧି, ପବିତ୍ର ନଦୀ ଏବଂ ପାହାଡ଼ରୁ ଝରିଆସି ତୀର୍ଥ ସଂଲଗ୍ନ ହୋଇଥିବା ଝରଣାରେ ତିଥି, ବାର ଓ ନକ୍ଷତ୍ର ଅନୁଯାୟୀ ଯେଉଁ ସ୍ନାନ କରାଯାଏ।

୭- ମାନସିକ ସ୍ନାନ: ମନରେ ଶ୍ରୀବିଷ୍ଣୁଙ୍କୁ ଧାନ କରି ସନ୍ୟାସୀମାନେ ସ୍ଥାନ-କାଳ-ପାତ୍ର ଅନୁଯାୟୀ ଯେଉଁ ସ୍ନାନ କରନ୍ତି।

କୋଣାଦିତ୍ୟରେ ମହୋଦଧି ସଂଲଗ୍ନ ପବିତ୍ର ଚନ୍ଦ୍ରଭାଗା ନଦୀରେ ବାରୁଣି ସ୍ନାନ ପ୍ରଚଳିତ। ପବିତ୍ର ନଦୀର ତାହା ସଙ୍ଗମ ସ୍ଥଳ ଥିଲା। ପାରଲୌକିକ ବିଶ୍ୱାସ କେବଳ ନୁହେଁ, ଇହଲୋକର ବିଜ୍ଞାନ ବାର୍ତ୍ତା ଏଥିରେ ଅଛି। ବିଶ୍ୱାସ ଓ ଆସ୍ଥାର କଥା। ସେଇ ଗଣବିଶ୍ୱାସକୁ ସମ୍ମାନ ଦେଇଆସିଥିଲେ ମହାରାଜାମାନେ। ସେ ବିଶ୍ୱାସ ଶାମ୍ବଙ୍କର ମଧ ଥିଲା। ନଇଲେ ବ୍ୟାଧିମୁକ୍ତ ହେବା ସହିତ ସିଦ୍ଧି ପାଇଲେ କେମିତି!! ସେବେଠୁ ଓଡ଼ିଶା ମୂଳକରେ କୋଣାଦିତ୍ୟ ଥିଲା ପବିତ୍ର ଭୂମି।

ସେଇ ପବିତ୍ର ପରମ୍ପରାର ବିକାଶ କରିବାକୁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂଦେବ। ତୀର୍ଥ ଥିଲା, ସୂର୍ଯ୍ୟଦେବତା ବି ପୂଜା ପାଉଥିଲେ, ଦେବତାଙ୍କ ସମେତ ମଣିଷମାନଙ୍କ ସ୍ନାନ ବିଧି ଥିଲା, ଆଉ ଟିକେ ବିକାଶ କରାଇବାକୁ ଅଣ୍ଟା ଭିଡ଼ିଥିଲେ ଗଜପତି। ଗଜପତିଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓଡ଼ିଶାର 'ମହାସାମନ୍ତ'ମାନେ। ଆମେ ଜାଣେ କେତୋଟି ଗ୍ରାମକୁ ନେଇ ପ୍ରଶାସନିକ ସୁବିଧା ଦୃଷ୍ଟିରୁ 'ବିଷୟ' ଗଠିତ ହୋଇଥିଲା। ପାଞ୍ଚୋଟି ବିଷୟକୁ ନେଇ ଗଠିତ ଅଞ୍ଚଳର ମୁଖିଆ ଥିଲେ-ବିଷୟାଧିପତି। ଗଜପତି ଯାଙ୍କୁ ନିଯୁକ୍ତି ଦେଉଥିଲେ। ଭିନ୍ନ ଭିନ୍ନ କାଳରେ ବିଷୟାଧିପତି ଚିହ୍ନିତ ହୋଇଛନ୍ତି 'ରାଣକ', ସାମନ୍ତ ଓ ମହାସାମନ୍ତ ଅଧିପତି ଭାବରେ। ଅନେକ ଐତିହ୍ୟରୁ ଜଣାଯାଏ ଗଜପତିଙ୍କର ମହାସାମନ୍ତ ଥିଲେ ବିଶ୍ୱାସପୁରୁଷ। ସେଥିପାଇଁ କେତେକ ଉଚ୍ଚକ୍ଷମତା ତାଙ୍କୁ ଦିଆଯାଇଥିଲା। ଗଜପତିଙ୍କ ପରିବାରର ଦୂରସମ୍ପର୍କୀୟ ବା ପରିବାରଭୁକ୍ତ ଥିଲେ ମହାସାମନ୍ତମାନେ। କୋଣାର୍କ ଅଞ୍ଚଳରେ ଯେଉଁ ଗଙ୍ଗବଂଶୀ ୧୬ ଗଡ଼ ଥିଲା, ସେଇ ଗଡ଼ର ମହାସାମନ୍ତମାନଙ୍କର ଉପାଧି ଥିଲା- ବୀରବର ମର୍ଦ୍ଦରାଜ ସାମନ୍ତ (ଗୋଲରାଗଡ଼), ସାମନ୍ତସିଂହାର (ଗଡ଼ଚାନ୍ଦପୁର), ରାୟ ସାମନ୍ତ (ଗଡ଼ବାଙ୍ଗର), ସାମନ୍ତରାୟ (ପଦନପୁର ଗଡ଼), ସାମନ୍ତ ଶ୍ରୀଚନ୍ଦନ (ଗଡ଼ମୃଗଶିରା) ପ୍ରଭୃତି।

ଏମାନଙ୍କୁ ଆଜି ଆମେ ସ୍ମରଣ କରୁଛେ- ଏଇମାନେ କୋଣାର୍କକୁ ପଥର ଆଣିବାର ବ୍ୟବସ୍ଥାରେ ମୁଖ୍ୟପୁରୋଧା ଥିଲେ। ପଥର ଆସିବା ପରେ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଥିଲେ। ଗଜପତି ସିନା ଅର୍ଥବଳ ଯୋଗେଇଦେବେ! ଲୋକବଳ...!! ଚାପ ସଜାଡ଼ିବାଠୁ ଚାପଦଳେଇ, ଦଳବେହେରା, ମଲ୍ଲାର, ଘାଟ ଦଳେଇଙ୍କୁ ସଜାଗ କରାଇ କର୍ମଚଞ୍ଚଳ କରାଇବା, ଚାପରୁ ପଥର ବୋହି ପଥୁରିଆଙ୍କୁ ଯୋଗାଇଦେବା ସହଜ କାମ ନୁହେଁ। ଦିନରାତି ଜଣାପଡ଼ି ନ ଥିବ ଏମାନଙ୍କୁ। ଏମାନଙ୍କ ତ୍ୟାଗ, ନିଷ୍ଠା ଓ ସହଯୋଗ ସବିଶେଷ ଆଲୋଚନା ସ୍ତରକୁ ଆଣିବା। ନଇଲେ ବାହାରିଆ ଲେଖକଙ୍କ ପାଟି ଚୁପ୍ ହେବନି।



ଗୋଲରାଗଡ଼ ସଂଲଗ୍ନ ଚିତ୍ରୋତ୍ପଳା ନଦୀ କୂଳରେ ଅନୁସନ୍ଧାନ କାଳରେ ସୁରେନ୍ଦ୍ର କୁମାର ମିଶ୍ର ଓ ଗଡ଼ରୁପାସର ମହାସାମନ୍ତଙ୍କ ଭାଇ ଅଜୟ ପାତ୍ର (ବାମ)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

